ଧରିତ୍ରୀ
DHARITRI
ରାୟଗଡ଼ା, ମଙ୍ଗଳବାର, ୨୦ ସେପ୍ଟେମ୍ବର, ୨୦୨୨



## ସଂକ୍ଷେପରେ

### ଦିଲ୍ଲୀପ ପ୍ରଧାନୀଙ୍କୁ ପିସିସି ସଦସ୍ୟତା



ତେନ୍ତୁଲିଖୁଣ୍ଟି, ୧୯।୯ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ପାତ୍ରପୁଟ ପଞ୍ଚାୟତ ସମିତି ସଭ୍ୟ ଦିଲ୍ଲୀପ ପ୍ରଧାନୀ କଂଗ୍ରେସ କମିଟି ସଦସ୍ୟଭାବେ ମନୋନୀତ ହୋଇଛନ୍ତି। ରବିବାର ଭୁବନେଶ୍ୱର କଂଗ୍ରେସ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାର ସମସ୍ତ ଜିଲାର ନୂତନ ପିସିସି ସଦସ୍ୟଙ୍କୁ ସ୍ୱାଗତ କରାଯାଇଥିଲା। ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଗ୍ରାମାଞ୍ଚଳରେ ଦଳ କିପରି ସୁଦୃଢ଼ ହେବ ସେଥିପାଇଁ କଣ ପଦକ୍ଷେପ ନେବାକୁ ପଡ଼ିବ ସେ ସମ୍ପର୍କରେ ବୁଝାଇ ଥିଲେ। ଦିଲ୍ଲୀପଙ୍କ ଭଳି ଯୁବ ନେତାଙ୍କୁ ତେନ୍ତୁଲିଖୁଣ୍ଟି ବ୍ଲକରୁ ପିସିସି ସଭ୍ୟଭାବେ ଚୟନ କରାଯାଇଥିବାରୁ ବ୍ଲକରେ କର୍ମୀଙ୍କ ମହଲରେ ଆନନ୍ଦ ଖେଳି ଯାଇଛି। ଦିଲ୍ଲୀପ ବ୍ଲକ କଂଗ୍ରେସର ସମସ୍ତ କର୍ମକର୍ତ୍ତା, ଜିଲା କଂଗ୍ରେସ ସଭାପତି ମୁନ୍ନା ତ୍ରିପାଠୀ, ପିସିସି ସଭାପତି, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋରାପୁଟ ଏମ୍‌ପି ସପ୍ତଗିରି ଉଲାକାଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଶ୍ରୀଅରବିନ୍ଦଙ୍କ ଶ୍ରୀତନୁ ସ୍ମାରକ ପ୍ରତିଷ୍ଠା ଦିବସ ପାଳିତ

ନବରଙ୍ଗପୁର,୧୯।୯(ବି.ପ୍ର.)- ନବରଙ୍ଗପୁର ଦଶହରାପଦାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶ୍ରୀଅରବିନ୍ଦଙ୍କ ପବିତ୍ର ଶ୍ରୀତନୁ ପ୍ରତିଷ୍ଠାର ୧୭ତମ ବାର୍ଷିକ ଉତ୍ସବ ଏକ ଶାନ୍ତ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ପାଠଚକ୍ର ସମ୍ମିଳନୀରେ କଟକ ତାଳିଯୋଡ଼ାର ବିଶିଷ୍ଟ ସାଧକ ପ୍ରଭାତ ନାୟକ ଯୋଗ ଦେଇ 'ସମଗ୍ର ଜୀବନ ହିଁ ଯୋଗ' ସମ୍ବନ୍ଧରେ ଆଲୋଚନା କରିଥିଲେ। ସୁଜାତା ମିଶ୍ର 'ମା ନାମ ଜପର ମହିମା' ଉପରେ ଆଲୋଚନା କରିଥିଲେ। ଅପରାହ୍ଣରେ ସ୍ମାରକ ପୀଠ ନିକଟରେ ସ୍ୱତନ୍ତ୍ର ସାମୂହିକ ଧ୍ୟାନ କରାଯାଇଥିଲା। ସି.ଏଚ୍.ଉଷାରାଣୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସବିତା ପଟ୍ଟନାୟକ ଏବଂ ସୁଲୋଚନା ସ୍ୱାଇଁ ବନ୍ଦନା ଗାନ କରିଥିଲେ। ଜିଲା ଆବାହିକା ସଙ୍ଗୀତା ପଟ୍ଟନାୟକ କୃତଜ୍ଞତା ଜଣାଇଥିଲେ। ଅରୋଶିଖା ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଭିମନ୍ୟୁ ଦାସ, ରମାକାନ୍ତ ଜେନା, ସନ୍ତୋଷ କୁମାର ଗାହଣ, ଦେବେନ୍ଦ୍ର ନାୟକଙ୍କ ସମେତ ରାଇଘର, ଉମରକୋଟ, କୋଡ଼ିଙ୍ଗା, ପାପଡାହାଣ୍ଡି, ନନ୍ଦାହାଣ୍ଡି, ବି. ମାଳିଗୁଡା, କୋଟପାଡ଼, ଇନ୍ଦ୍ରାବତୀ ତଥା ନବରଙ୍ଗପୁର ସହରର ବହୁ ଅନୁଗାମୀ ଯୋଗ ଦେଇଥିଲେ। ଚନ୍ଦନ ଭୂମିଆ, ଉମା ମହେଶ୍ୱର, ଗୁକୁନା ପାଣିଗ୍ରାହୀ, ଅଜୟ ସାହୁ, ସତ୍ୟନାରାୟଣ ଷଡ଼ଙ୍ଗୀ, ସୁଧିରାଜ ରାଉତ, ରଞ୍ଜନ ମହାପାତ୍ର, ପ୍ରପର୍ଣ୍ଣା ସାହୁ, ଅଭିମନ୍ୟୁ ବେହେରା, ସୁଜାତା ପଟ୍ଟନାୟକ, ଶ୍ରୀନିବାସ ପଟ୍ଟନାୟକ, ଦେବକୀ ଜାନୀ, ପଦ୍ମଲତା ବିଷୋୟୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବିଷ୍ଣୁ ସେଠୀଙ୍କ ବିୟୋଗରେ ଭାଜପା ନେତାଙ୍କ ଶୋକ

ଉମରକୋଟ, ୧୯।୯(ସ୍ୱ.ପ୍ର.)- ଧାମନଗର ବିଧାୟକ ବିଷ୍ଣୁ ସେଠୀଙ୍କ ଅକାଳ ବିୟୋଗରେ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଭାଜପା ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ବିଧାୟକ ବିଷ୍ଣୁ ସେଠୀ ଜଣେ ସ୍ପଷ୍ଟବାଦୀ ବ୍ୟକ୍ତିତ୍ୱ ବହନ କରୁଥିବା ମଣିଷ ଥିଲେ। ବୋଲି କହିଛନ୍ତି ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ। ୨୦୧୧ ଉମରକୋଟ ଉପନିର୍ବାଚନ ସମୟରେ ସେଠାକୁ ଆସି ନିଜ କଥା ଓ କବିତା ମାଧ୍ୟମରେ ବିଧାୟକ ସେଠୀ ଲୋକଙ୍କୁ ଆକୃଷ୍ଟ କରି ପାରିଥିଲେ ବୋଲି ଉପସ୍ଥିତ ନେତା ଓ କର୍ମୀମାନେ କହିଥିଲେ। ସମସ୍ତ ସ୍ମୃତିକୁ ମନେପକାଇ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ସାହୁ ଏବଂ ଭାଜପା କର୍ମୀମାନେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

### ନିଖୋଜ ନାବାଳିକା ଉଦ୍ଧାର

ଡାବୁଗାଁ, ୧୯।୯(ଡି.ଏନ୍.ଏ.)- ଡାବୁଗାଁଥାନା ପୋଲିସ ଜଣେ ନିଖୋଜ ନାବାଳିକାଙ୍କୁ ଉଦ୍ଧାର କରିଛି। ନାବାଳିକା ଜଣଙ୍କ ଅଗଷ୍ଟ ୨୮ରୁ ନିଖୋଜ ଥିଲେ। ଖୋଜାଖୋଜି ପରେ ନ ପାଇବାରୁ ପରିବାର ଲୋକେ ଡାବୁଗାଁ ଥାନାରେ ୩୧ରେ ଅଭିଯୋଗ କରିଥିଲେ। ନାବାଳିକାଙ୍କର କୋଡିଗାଁ ଥାନା ଅଧୀନ ଫାପୁଣି ଗ୍ରାମର ଦିବାକର ହରିଜନଙ୍କ ସହ ପ୍ରେମ ସମ୍ପର୍କ ଥିଲା। ଉକ୍ତ ଯୁବକ ତାଙ୍କୁ କେଉଁଆଡେ ନେଇ ଯାଇଥିବା ପରିବାର ଲୋକେ ଉକ୍ତ ଏତଲାରେ ଉଲ୍ଲେଖ କରିଥିଲେ। ଏତଲା ଆଧାରରେ ପୋଲିସ କେସ୍ ନଂ ୧୩୬/୨୧ରେ ଏକ ମାମଲା ରୁଜୁ କରିଥିଲା। ନାବାଳିକା ଜଣଙ୍କ ଫାପୁଣି ଗାଁରେ ଥିବା ରବିବାର ଡାବୁଗାଁ ପୋଲିସ ଖବରପାଇଥିଲା। ସୋମବାର ଡାବୁଗାଁ ଥାନାଧିକାରୀ ପ୍ରମୋଦ କୁମାର ନାୟକ, ସବଇନ୍‌ସ୍‌ପେକ୍ଟର ମେନକା ଶା, ଏଏସ୍‌ଆଇ ଶିଶିର କାନ୍ତ ଘୋଷ ଓ ବିଜୟ କୁମାର ସାହୁ ସେଠାରେ ଚଢାଉ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ପୋଲିସ ଦିବାକରଙ୍କୁ ଅଟକ ରଖିଛି। ନାବାଳିକାଙ୍କୁ ଡାବୁଗାଁ ସ୍ୱଳ୍ପ କାଳୀନ ଆବାସ ଗୃହରେ ରଖାଯାଇଛି।

# ଅବ୍ୟବହୃତ ଛାତ୍ରାବାସକୁ ଅତିଥିଭବନ କରିବାକୁ ନିଆଯିବ ପଦକ୍ଷେପ

ତେନ୍ତୁଲିଖୁଣ୍ଟି/ନବରଙ୍ଗପୁର, ୧୯।୯(ଡି.ଏନ୍.ଏ./ବି.ପ୍ର.)



ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲାପାଳ, ଅଧିକାରୀ ଓ ଅନ୍ୟମାନେ।

## ୪୫ ଅଭିଯୋଗ ଶୁଣିଲେ ଜିଲାପାଳ

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ. କମଳଲୋଚନ ମିଶ୍ର ୩୬ଟି ବ୍ୟକ୍ତିଗତ ଓ ୯ଟି ସମୂହ ଅଭିଯୋଗର ଶୁଣାଣି କରିଥିଲେ। ଅଁଳାଭଟ୍ଟା ସରପଞ୍ଚ କାର୍ତ୍ତିକ ମୁଦୁଲି ପଞ୍ଚାୟତ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ୩ ମାସର ଚାଉଳ ହିତାଧିକାରୀଙ୍କୁ ଦେବା ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ। ଅଁଳାଭଟ୍ଟାରେ ଜଳଯୋଗାଣରେ ଅସୁବିଧା ହେଉଛି। ଏ ଦିଗରେ ଦୃଷ୍ଟିଦେବାକୁ ସେ ଅନୁରୋଧ କରିଥିଲେ। ପରଜାବାରଙ୍ଗପଦର ପଞ୍ଚାୟତର ବିଜୟ ଝଡ଼ିଆ, ଯଦୁ ଝଡ଼ିଆ ଓ ୱାର୍ଡ ସଭ୍ୟ ସାନିଆ ଝଡ଼ିଆ କାମ କରି ଦୀର୍ଘ ୭ମାସ ହେବ ବିଲ୍ ପାଇ ନ ଥିବା ନେଇ କହିବାପରେ ଜିଲାପାଳ ବିଡିଓ ଦୁର୍ଯ୍ୟୋଧନ ଭୋଇଙ୍କୁ ତଦନ୍ତ କରି ଟଙ୍କା ଦେବା ବ୍ୟବସ୍ଥା କରିବାକୁ କହିଥିଲେ। ଗୌଡ଼ ଦେଓପାଲି ସରପଞ୍ଚ ଅବ୍ୟବହୃତ ହୋଇ ପଡ଼ିଥିବା ଛାତ୍ରାବାସ କୋଠାକୁ ପଞ୍ଚାୟତକୁ ଦେଇ ସେହି କୋଠାକୁ ଅତିଥି ଭବନ କରିବାକୁ ନିବେଦନ କରିଥିଲେ। ଏ ଦିଗରେ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପରଜାଦେଓପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ସମସ୍ୟା ସମାଧାନ ପାଇଁ ସରପଞ୍ଚ ପ୍ରମିଳା ମୁଦୁଲି ଅନୁରୋଧ କରିଥିଲେ। ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧିଙ୍କୁ କନିଷ୍ଠଯନ୍ତ୍ରୀ ଅଣଦେଖା କରୁଥିବା ଗୌଡଦେଓପାଲି ସରପଞ୍ଚ ଅଭିଯୋଗ କରିଥିଲେ। କନିଷ୍ଠ ଯନ୍ତ୍ରୀଙ୍କୁ ଡାକି ଜିଲାପାଳ ତାଗିଦ କରିଥିଲେ। ପରଜାବାରଙ୍ଗପଦର ଗ୍ରାମ ନଦୀ ପାର୍ଶ୍ୱ ଜମିରେ ଉଠା ଜଳସେଚନ ମାଧ୍ୟମରେ ଜଳ ବ୍ୟବସ୍ଥା ପାଇଁ ରାଜେଶ ଟାକ୍ରି ଅନୁରୋଧ କରିଥିଲେ। ପଞ୍ଚାୟତ ମାସିକ ବୈଠକରେ ବିଶୃଙ୍ଖଳା ହେଉଥିବା ନେଇ ଅଭିଯୋଗ କରିଥିଲେ ନାଏବ ସରପଞ୍ଚ। ଏଭଳି ହେଲେ ଥାନାରେ ଅଭିଯୋଗ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହି ଶୁଣାଣିବେଳେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ରତ୍ନାକର ସାହୁ, ଏଡିଇଓ ବିଶ୍ୱନାଥ ସାହୁ, ବିଇଓ ବୀରେନ୍ଦ୍ର ପାଢ଼ୀ, ସିଡିଏଚ୍‌ଓ ଜି. ଭେଙ୍କଟ ରେଡ୍ଡୀ, ସିଏସ୍‌ଓ ସଞ୍ଜୀବ ସାହୁ, ଡିଏଫ୍‌ଓ ଜି. ଜଗଦୀଶ ରାଓ, ଏଡିଏମ୍‌ଓ ନୀଳମଣି ଦିଲୀପ ଚାନ୍ଦ ବେହେରା, ପାପଡ଼ାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ, ଡିଆଇପିଆର୍‌ଓ ହଳଧର ନିଆଲ, ଜିଲା ପଞ୍ଚାୟତ ଅଧିକାରୀ ଶିଶିର ପାଣି, ପଞ୍ଚାୟତ ସମିତି ଅଧକ୍ଷା ନୀଳାଦ୍ରୀ ନାୟକ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ମିଶ୍ର, ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ, ଜିଲା ମତ୍ସ୍ୟାଧିକାରୀ ଜଗଦୀଶ ରାଓ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକଙ୍କ ସମେତ ସବୁ ବିଭାଗର ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବିଜେଡି କର୍ମୀଙ୍କ ଝୁଲନ୍ତା ମୃତଦେହ ଜବତ

ରାଇଘର, ୧୯।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ଅଞ୍ଚଳର ଜଣାଶୁଣା ବିଜେଡି କର୍ମୀ ପ୍ରକାଶ ଚନ୍ଦ୍ର ପରୱାଲ ଓରଫ୍ ପପୁ ଭାଇ (୪୪)ଙ୍କ ଝୁଲନ୍ତା ମୃତଦେହ ସୋମବାର ସକାଳୁ ଏକ ବିଲ ଭିତରୁ ମିଳିଛି। ଏହାପରେ ଏବେ ସ୍ଥାନୀୟ ଅଞ୍ଚଳରେ ଶୋକର ବାତାବରଣ।

ପପୁଙ୍କ ଘର ରାଇଘର ପଞ୍ଚାୟତ ଖୁଟୁଗାଁରେ ସେ କିଛି ବର୍ଷ ହେବ ରାଇଘରରେ ଘର କରି ରହୁଥିଲେ। ପପୁ ରବିବାର ନିଜ ଗାଁକୁ ବାହାରିଥିଲେ। କିନ୍ତୁ ରାତି ସୁଦ୍ଧା ନ ଫେରିବାରୁ ପରିବାର ଲୋକେ ରାଇଘର ଥାନାକୁ ଜଣାଇଥିଲେ। ଖବରପାଇ ରାଇଘର ପୋଲିସ ମୋବାଇଲ ଟ୍ରେସ୍ କରି ରାତିରେ ପୋଲିସ ସହ ଗ୍ରାମର କେତେଜଣ ଯୁବକଙ୍କୁ ନେଇ ଖୋଜା ଖୋଜି କରିଥିଲେ। କିନ୍ତୁ ବର୍ଷା ଅଧିକ ହେଉଥିବାରୁ କିଛି ଜଣାପଡି ନ ଥିଲା। ସୋମବାର ସକାଳେ ପପୁଙ୍କ ଝୁଲନ୍ତା ମୃତଦେହ ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ସଙ୍ଗେସଙ୍ଗେ ରାଇଘର ଥାନା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବୁରୁଦା ଘଟଣାସ୍ଥଳରେ ପହଞ୍ଚି ଥିଲେ। ସେଠାରୁ ଏକ ମୋବାଇଲ ପୋଲିସ ହାତରେ ଲାଗିଛି। ପୋଲିସ ମୃତଦେହ ଜବତ କରି କେସ୍ ନଂ. ୬୯/୨୨ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାରକୁ ହସ୍ତାନ୍ତର କରିଛନ୍ତି। ଏଏସ୍‌ଆଇ ରବୀନ୍ଦ୍ର ପ୍ରଧାନ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ରାଇଘର ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ବୁରୁଦାଙ୍କୁ ପଚାରିବାରୁ ଘଟଣାସ୍ଥଳରୁ ଏକ ବିଷାକ୍ତ ଖାଲି ଡବା ଓ ମୋବାଇଲ ଫୋନ୍ ମିଳିଛି। ଘଟଣାର ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖବରଦାତା ସଂଘର ଦାବିପତ୍ର



ଚନ୍ଦାହାଣ୍ଡି ବ୍ଲକ ଖବରଦାତା ସଂଘ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

ଚନ୍ଦାହାଣ୍ଡି/ନନ୍ଦାହାଣ୍ଡି/ଝରିଗାଁ, ୧୯।୯(ଡି.ଏନ୍.ଏ./ସ୍ୱ.ପ୍ର.)

## କାର୍ଯ୍ୟରତ ଖବରଦାତାଙ୍କୁ ନବରଙ୍ଗପୁର ଏଏସ୍‌ପିଙ୍କ ମାଡ଼ ମାରିବା ଘଟଣା

କାର୍ଯ୍ୟରତ ଖବରଦାତାଙ୍କୁ ନବରଙ୍ଗପୁର ଏଏସ୍‌ପି ଜୟକୃଷ୍ଣ ବେହେରା ମାଡ଼ ମାରିବାକୁ ବିରୋଧ କରିଛି ଜିଲା ଖବରଦାତା ସଂଘ। ତାଙ୍କ ବଦଳି ଦାବିକରି ମୁଖ୍ୟମନ୍ତ୍ରୀ ଓ ଡିଜିପିଙ୍କୁ ଦାବିପତ୍ର ଦେବାକୁ ରାଜ୍ୟ ଖବରଦାତା ସଂଘ ନିଷ୍ପତ୍ତି ନେଇଛି। ଏହି କ୍ରମରେ ସୋମବାର ଚନ୍ଦାହାଣ୍ଡି ପ୍ରେସ୍ କ୍ଲବ ସଭାପତି ତଥା ଓଡ଼ିଶା ସାମ୍ବାଦିକ ସଂଘ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ଦାସଙ୍କ ନେତୃତ୍ୱରେ ଭାରପ୍ରାପ୍ତ ବିଡିଓ ଧର୍ମରାଜ ମାଝିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ବରିଷ୍ଠ ଖବରଦାତା ମହମ୍ମଦ ହୁସେନ, ମୁକୁନ୍ଦ ବେଶ୍ରା, ମନୋଜ କୁମାର ପାଣ୍ଡି, ସଂଗ୍ରାମ କେଶରୀ ସାହୁ, ବାସୁଦେବ ସୁନା, ଶ୍ୟାମସୁନ୍ଦର ସୁନାନୀ, ଦିବ୍ୟରଞ୍ଜନ ମହାପାତ୍ର, ହିମାଂଶୁ ଦାସ, ପୂର୍ଣ୍ଣଚନ୍ଦ୍ର ଟାକ୍ରି, କାମିନୀ ରଞ୍ଜନ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।

ନନ୍ଦାହାଣ୍ଡି ବିଡିଓ ଶିବଶଙ୍କର ମୁର୍ମୁଙ୍କୁ ବ୍ଲକ ସାମ୍ବାଦିକ ସଂଘ ଏକ ଦାବିପତ୍ର ପ୍ରଦାନ କରିଛି। ଏଭଳି ଆଚରଣ ଯୋଗୁ ପୋଲିସ ବ୍ୟବସ୍ଥା ପ୍ରତି ଲୋକଙ୍କ ଆସ୍ଥା ତୁଟିବ। ତେଣୁ ତୁରନ୍ତ ଏଏସ୍‌ପି ବେହେରାଙ୍କୁ ଅନ୍ୟତ୍ର ବଦଳି ସାଙ୍ଗକୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆଗାମୀ ଦିନରେ ରାଜ୍ୟ ସଂଘ ସହଯୋଗରେ ଜିଲା ସଂଘ ଆନ୍ଦୋଳନକୁ ଓହ୍ଲାଇବା ନେଇ ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଓୟୁଜେ ନବରଙ୍ଗପୁର ଜିଲା ସାଧାରଣ ସମ୍ପାଦକ ତଥା ରାଜ୍ୟ ସଂଗଠନ ସମ୍ପାଦକ ବାରିଜ କୁମାର ପଟ୍ଟନାୟକ, କୈଳାସ ପଡିଦଲେଇ, ଚିଦାନନ୍ଦ ସାହୁ, କୋରେଶ ଉପାସି, ପ୍ରଶାନ୍ତ ସାହୁ, ତପନ ଦାଶ, ମଧୁସୂଦନ ବାଘ, ଦେବୀ ପଟ୍ଟନାୟକ, ରବି ପଟ୍ଟନାୟକ, ଜିମି ଘଣ୍ଟ ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ଝରିଗାଁ ବ୍ଲକ ଖବରଦାତା ସଂଘ ଏଏସ୍‌ପିଙ୍କୁ ତୁରନ୍ତ ଏଠାରୁ ବଦଳି କରିବା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଡିଓଙ୍କୁ ଦାବିପତ୍ର ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଝରିଗାଁ ବ୍ଲକ ଖବରଦାତା ତ୍ରିନାଥ ଧରୁଆ, କଳାକାହ୍ନୁ ନଦିଆ, କିଶୋର ଚନ୍ଦ୍ର ମଣ୍ଡଳ, ଲକ୍ଷ୍ମୀକାନ୍ତ ପାଣ୍ଡେ, ଗିରିଧର ମାଝି, ଭୂଦେ ଗୌଡ, ଜୟଶ୍ରୀ ଦାସ,ରମେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୩୯୧ ଜଣଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର

ଝରିଗାଁ, ୧୯।୯(ସ୍ୱ.ପ୍ର.)

- ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ
- ପଞ୍ଜୀକରଣ କରିଥିଲେ ୮୮୭ ଦିବ୍ୟାଙ୍ଗ

ନବରଙ୍ଗପୁର ଜିଲା ଝରିଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସୋମବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଉପବିଭାଗ ପକ୍ଷରୁ ଦିନିକିଆ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବ୍ଲକର ୨୩ ପଞ୍ଚାୟତର ଦିବ୍ୟାଙ୍ଗ ଯୋଗ ଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଝରିଗାଁ ବିଡିଓ ସତ୍ୟନାରାୟଣ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇ ଦିବ୍ୟାଙ୍ଗଙ୍କ ସମସ୍ୟା ବୁଝିଥିଲେ। ପଞ୍ଜୀକରଣ କରିଥିବା ୮୮୭ ଜଣ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଡାକ୍ତର ସୁକାନ୍ତ ଶତପଥୀ, ସୁନୀଲ ଶତ୍ର, ସନ୍ତୋଷ ପଣ୍ଡା, ଅଶୋକ ମହାପାତ୍ର, ଦେବାଶିଷ ମହାପାତ୍ର, ସାଲମ ମଲ୍ଲିକ, ବିଭୁଦତ୍ତ ସେଠୀ, ନବଘନ ସେଠୀ, ଶିବ ପ୍ରସାଦ ସାହୁ, ଘନଶ୍ୟାମ ବେହେରା ପ୍ରମୁଖ କରିଥିଲେ। ୩୯୧ ଜଣଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ୨୬୦ଜଣ ହିତାଧିକାରୀଙ୍କୁ ଶ୍ରବଣ ଯନ୍ତ୍ର, ଜଣଙ୍କୁ ଟ୍ରାଇ ସାଇକେଲ, ୪ଜଣଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ଏହି ଶିବିରକୁ ନବରଙ୍ଗପୁର ଡିଏସ୍‌ଏସ୍‌ଓ ଶାନ୍ତନୁ ପାତ୍ର ଏବଂ ଝରିଗାଁ ବିଏସ୍‌ଏସ୍‌ଓ ପାର୍ଥଜିତ ମଣ୍ଡଳ ପରିଚାଳନା କରିଥିଲେ। ବ୍ଲକ ଅଧକ୍ଷ ଦୁର୍ଗା ମାଝି, ଏମ୍‌ପିଙ୍କ ପ୍ରତିନିଧି ପ୍ରିୟରଞ୍ଜନ ଦାଶ, ସିଡିପିଓ ବିରାଜ ମୋହିନୀ ପାଙ୍ଗୀ, ଜିଲା ପରିଷଦ ସଭ୍ୟାଙ୍କ ସହ ୨୩ ପଞ୍ଚାୟତ ସମିତି ସଭ୍ୟାସଭ୍ୟ,ସରପଞ୍ଚ ଏବଂ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। ସ୍ଥାନୀୟ ବ୍ଲକ କର୍ମଚାରୀ, ଅଙ୍ଗନୱାଡ଼ି କର୍ମୀ, ଆଶା ଦିଦି ଏବଂ କଲେଜର ଛାତ୍ରୀଛାତ୍ରମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ତେବେ କାର୍ଯ୍ୟକ୍ରମ ଆରମ୍ଭ ହେବାର କିଛି ଘଣ୍ଟା ପରେ ହଠାତ ବର୍ଷା ହେବା ଯୋଗୁ ଦିବ୍ୟାଙ୍ଗ ଓ ସେମାନଙ୍କ ସହ ଆସିଥିବା ଲୋକମାନଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା।



ଶିବିରକୁ ଆସିଥିବା ଦିବ୍ୟାଙ୍ଗ ଓ ତାଙ୍କ ସହଯୋଗୀମାନେ।

# ମୁନା ତ୍ରିପାଠୀଙ୍କୁ ଦୋଳ ଗୋବିନ୍ଦ ସ୍ମୃତି ସମ୍ମାନ

ନବରଙ୍ଗପୁର, ୧୯।୯(ବି.ପ୍ର.)

ସ୍ୱାଧୀନତାର ୭୫ ବର୍ଷ ପାଳନ ଅବସରରେ ୪୦ବର୍ଷ ଧରି କଂଗ୍ରେସରେ ନିରବଚ୍ଛିନ୍ନଭାବେ ଦଳରେ ରହି ସଂଗଠନକୁ ସୁଦୃଢ଼ କରିଥିବା ୨୦ଜଣ ନେତାଙ୍କୁ ଦୋଳ ଗୋବିନ୍ଦ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ନବରଙ୍ଗପୁର ଜିଲା କଂଗ୍ରେସ ସଭାପତିଙ୍କୁ ଏହି ସମ୍ମାନ ମିଳିଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଦ୍ୱାରା ଭୁବନେଶ୍ୱର କଂଗ୍ରେସ ଭବନରେ ମୁନା ତ୍ରିପାଠୀଙ୍କୁ ସମ୍ମାନିତ କରାଯାଇଛି। ସେଠାରୁ ମୁନା ତ୍ରିପାଠୀ ଫେରିବାପରେ ନବରଙ୍ଗପୁରସ୍ଥିତ ଶାସ୍ତ୍ରୀ ଭବନରେ ଜିଲା କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଦିନ ୧୧ଟାରେ ଏକ ବାଇକ ରାଲିରେ ମୁନା ତ୍ରିପାଠୀଙ୍କୁ ରାମ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ନିଆଯାଇଛି। ପରେ ଶାସ୍ତ୍ରୀ ଭବନରେ ଏକ ସଭା କରାଯାଇଛି। ଉକ୍ତ ସଭାରେ ଅଖିଳ ଭାରତୀୟ କଂଗ୍ରେସ କମିଟି ପୂର୍ବତନ ସମ୍ପାଦକ ବିଶ୍ୱରଞ୍ଜନ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏଥିରେ ଜିଲା କଂଗ୍ରେସ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ, ସେବାଦଳ, ଆଦିବାସୀ କଂଗ୍ରେସ, ସଂଖ୍ୟାଲଘୁ ସେଲ, କିଷାନ ସେଲ, ରାଜୀବ ଗାନ୍ଧୀ ପଞ୍ଚାୟତ ସଂଗଠନ ସଦସ୍ୟ ଯୋଗଦେଇ ଥିଲେ। ଜିଲା ଯୁବ କଂଗ୍ରେସ କମିଟି ସଭାପତି ଦ୍ୱାରିକା ମହାପାତ୍ରଙ୍କ ନେତୃତ୍ୱରେ ଜିଲାରେ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରାଯାଇଛି।



# ଜିଲାର ୫ ବିଜ୍ଞାନ ପ୍ରକଳ୍ପ ରାଜ୍ୟସ୍ତରରେ ପ୍ରଦର୍ଶିତ

ଉମରକୋଟ, ୧୯।୯(ସ୍ୱ.ପ୍ର.)

ରାଜ୍ୟ ଶିକ୍ଷକ ଓ ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନ ଭୁବନେଶ୍ୱର ଦ୍ୱାରା ଆୟୋଜିତ ବିଜ୍ଞାନ ଗଣିତ ଓ ପରିବେଶ ପ୍ରଦର୍ଶନୀ କଟକ ଖାନନଗର ହାଇସ୍କୁଲରେ ସୋମାବରରୁ ଆରମ୍ଭ ହୋଇଛି । ଏହା ୩ ଦିନ ଧରି ଚାଲିବ। ଏଥିରେ ନବରଙ୍ଗପୁର ଜିଲାରୁ ୫ଟି ପ୍ରକଳ୍ପ ଭାଗ ନେଇଛି। ବଡ଼କୁମାରୀ ଉପ୍ରା ବିଦ୍ୟାଳୟର ଚିଣ୍ଟୁ ସର୍ଦ୍ଦାର, ଝରିଗୁମାର ତପସ୍ୱିନୀ ତରସିଆ, ସାନଟେମରାର ବିଜୟ ମୁଦୁଲି, ଖୁଟୁଗାଁ ଉପ୍ରା ବିଦ୍ୟାଳୟର ରାଜୁଲ ଗଣ୍ଡ, କୋଡ଼ିଙ୍ଗା ହାଇସ୍କୁଲର ମାନସୀ ନାୟକଙ୍କ ସହ ଗାଇଡ୍ ଶିକ୍ଷକଭାବେ ଗଣେଶ ପ୍ରସାଦ ରଣା, ରାଜେଶ ବେହେରା, ବିଶ୍ୱକାନ୍ତ ନାହାକ, କୌଶଲ୍ୟା ନାୟକ, କ୍ଷେତ୍ରବାସୀ ଜେନା, ସୁଶାନ୍ତ ଜେନା ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଛନ୍ତି। ଡିଇଓ ପ୍ରଦୀପ୍ତ ନାଗ ଓ ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ ଅଂଶ ଗ୍ରହଣକାରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସଫଳତା କାମନା କରିଛନ୍ତି ।



ନବରଙ୍ଗପୁର ଜିଲାର ଛାତ୍ରୀଛାତ୍ର ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

# ନୂତନ ବିଡିଓଙ୍କ କାର୍ଯ୍ୟରେ ଯୋଗଦାନ

କୋଷାଗୁମୁଡ଼ା, ୧୯।୯(ଡି.ଏନ୍.ଏ.)



ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ବିଡିଓଭାବେ ସୁକାନ୍ତ କୁମାର ପଟ୍ଟନାୟକ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଭାରପ୍ରାପ୍ତ ବିଡିଓ ବିଶ୍ୱନାଥ ରାଉତଙ୍କଠାରୁ ସେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସମସ୍ତ କର୍ମଚାରୀଙ୍କ ସହ ମିଶି ଆଗାମୀ ଦିନରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନାକୁ ଆଗେଇ ନେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟଭାର ଗ୍ରହଣ ସମୟରେ ସହକାରୀ ଯନ୍ତ୍ରୀ ଭାଗବାନ ବେହେରା, ମୁଖ୍ୟ କିରାଣୀ ସନାତନ ପଟ୍ଟନାୟକ, କୋଷାଧ୍ୟକ୍ଷ ସୁରେନ୍ଦ୍ର ଦାସ, ସନ୍ତୋଷ କୁମାର ବିଶ୍ୱାଳ, ତ୍ରିଲୋଚନ ଛଞ୍ଚାଣ, ଉନ୍ନୟନମୂଳକ କିରାଣୀ ଜ୍ୟୋତି ରଞ୍ଜନ ବେହେରା, ବିଏସ୍‌ଏସ୍‌ଓ ପ୍ରଶାନ୍ତ କୁମାର ବେହେରା, ସି. ପି. ଚିନ୍ମୟ ପଟ୍ଟନାୟକ ଓ ସମସ୍ତ ପିଇଓ, ଗ୍ରାମ ରୋଜଗାର ସେବକ ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପୂର୍ବତନ ଭାରପ୍ରାପ୍ତ ବିଡିଓ ରାଉତଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେ ପୁଣି ଥରେ ଝରିଗାଁକୁ ବଦଳି ହୋଇଥିବା ଜଣା ପଡିଛି।

# ପାପଡ଼ାହାଣ୍ଡିର ରୁଦ୍ର ପ୍ରଥମ

ପାପଡାହାଣ୍ଡି,୧୯।୯(ଡି.ଏନ୍.ଏ.)

## ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ନବରଙ୍ଗପୁର ଜିଲା ପାପଡାହାଣ୍ଡି ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ରୁଦ୍ରପ୍ରତାପ ସ୍ୱାଇଁ ସୋମବାର ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଓଡିଶା ଆଦର୍ଶ ବିଦ୍ୟାଳୟ ଅଷ୍ଟମ ପ୍ରତିଷ୍ଠା ଦିବସରେ ଭୁବନେଶ୍ୱର ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରିବା ପରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ତାଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଛନ୍ତି। ବ୍ଲକସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗତାରେ ରୁଦ୍ର ପ୍ରଥମ ହୋଇ ଜିଲାସ୍ତରକୁ ଯାଇଥିଲେ। ଡାବୁଗାଁରେ ଜିଲାର ସମସ୍ତ ବ୍ଲକର ଛାତ୍ରୀଛାତ୍ରଙ୍କ ମଧ୍ୟରେ ରୁଦ୍ର ପ୍ରଥମ ହୋଇ ଜୋନ୍‌ସ୍ତରରେ ଭାଗ ନେଇଥିଲେ। କୋରାପୁଟରେ ଆୟୋଜିତ କାର୍ଯ୍ୟକ୍ରମରେ ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡା, ଗଜପତି, କଳାହାଣ୍ଡି ଜିଲାର ପ୍ରତିଯୋଗୀଙ୍କୁ ହରାଇ ରୁଦ୍ର ଚିତ୍ରାଙ୍କନରେ ପ୍ରଥମ ହୋଇ ରାଜ୍ୟସ୍ତରୀୟକୁ ଯାଇଥିଲେ। ସେଠାରେ ରୁଦ୍ର ପ୍ରଥମ ସ୍ଥାନ ଅଧିକାର କଲା ପରେ ପାପଡାହାଣ୍ଡି ଆଦର୍ଶ ବିଦ୍ୟାଳୟ କଳା ଶିକ୍ଷକ ମାଧବ ମଣ୍ଡଳ ଓ ପ୍ରିନ୍ସିପାଲ ସପନା ସିଂ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ମା ଓ ବାପା ଅଲେଖ ସ୍ୱାଇଁଙ୍କୁ ସେ ଧନ୍ୟବାଦ ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ, ୫-ଟି ସଚିବ ଭି.କେ ପାଣ୍ଡିଆନ ଯୋଗଦେଇଥିଲେ।




# ଦିନରେ ଅଙ୍ଗନୱାଡ଼ି, ରାତିରେ ଗୁହାଳ

ତେନ୍ତୁଲିଖୁଣ୍ଟି, ୧୯।୯(ଡି.ଏନ୍.ଏ.)

## ଗାଦବାଗୁଡା ଗ୍ରାମର ଅଙ୍ଗନୱାଡି କେନ୍ଦ୍ର

- ୫ ବର୍ଷ ହେବ କୋଠାକୁ ବିପଦସଙ୍କୁଳ ଘୋଷଣା କରିଛି ପ୍ରଶାସନ
- ଜଣେ ବ୍ୟକ୍ତିଙ୍କ କୁଡିଆ ଘରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ରର କାମ
- ଦିନରେ ଉକ୍ତ ଘରେ ପାଠପଢ଼ା ହେଉଥିବାବେଳେ ରାତିରେ ଗୋରୁ ବନ୍ଧା ହେଉଛି

୫ ବର୍ଷ ହେବ ଅଙ୍ଗନୱାଡି କୋଠାକୁ ବିପଦସଙ୍କୁଳ ଘୋଷଣା କଲା ପ୍ରଶାସନ। କିନ୍ତୁ ନୂତନ ଅଙ୍ଗନୱାଡି କୋଠା ତିଆରି ଦିଗରେ କୌଣସି ପଦକ୍ଷେପ ନେଲେନାହିଁ। ଏହା ଭିତରେ ଗାଁର ଜଣେ ବ୍ୟକ୍ତିଙ୍କ ଗୁହାଳରେ ଏବେ ପିଲାଙ୍କ ଭବିଷ୍ୟତ ଗଢ଼ା ଚାଲିଛି। ଉକ୍ତ ଘରେ ସକାଳେ ଅଙ୍ଗନୱାଡି ପିଲାମାନେ ପଢୁଥିବାବେଳେ ରାତିରେ ସେଠାରେ ଗାଈ ଗୋରୁବନ୍ଧା ହେଉଛନ୍ତି। ତୁରନ୍ତ ଅଙ୍ଗନୱାଡି ଗୃହ ତିଆରି କରିବାକୁ ଦାବି କରିଛନ୍ତି ଅଞ୍ଚଳବାସୀ।

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଦିଗି ପଞ୍ଚାୟତ ଗାଦବାଗୁଡା ଗ୍ରାମରେ ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି ପାଇଛନ୍ତି। ସହାୟିକା ମଧ୍ୟ ଅଛନ୍ତି। ୫ବର୍ଷ ତଳେ ଗାଁରେ ଥିବା ଅଙ୍ଗନୱାଡ଼ି ଗୃହକୁ ବିପଦସଙ୍କୁଳ ଘୋଷଣା କରି ପ୍ରଶାସନ ତାହାକୁ ବନ୍ଦ କରିଦେଲେ। ଏହା ମଧ୍ୟରେ କିନ୍ତୁ ନୂତନ ଅଙ୍ଗନୱାଡ଼ି ଗୃହ ନିର୍ମାଣ ପାଇଁ ପ୍ରଶାସନ ପ୍ରୟାସ କରିନି।



ବିପଦସଙ୍କୁଳ ଅଙ୍ଗନୱାଡି କୋଠା ।

ଅଙ୍ଗନୱାଡ଼ି କର୍ମୀ ପିଲାଙ୍କୁ ପାଠପଢ଼ା ଓ ଗର୍ଭବତୀଙ୍କୁ ଖାଦ୍ୟ ଦେବାକୁ ଗ୍ରାମର ଜନୈକ ବ୍ୟକ୍ତିଙ୍କ ସହଯୋଗ ଘର ସମ୍ମୁଖ ଏକ କୁଡିଆରେ ଅଙ୍ଗନୱାଡ଼ି କାର୍ଯ୍ୟ ଆରମ୍ଭ କଲେ। ଉକ୍ତ ଚାଳ ଘରକୁ ସେ ବିନା ଅର୍ଥରେ ଯୋଗାଇ ଦେଇଛନ୍ତି। କିନ୍ତୁ ଉକ୍ତ ଚାଳଘରେ ସେ ତାଙ୍କ ଗାଈକୁ ବାନ୍ଧିବା ସହ ଖାଦ୍ୟ ଆଦି ପ୍ରଦନ କରନ୍ତି। ରାତିରେ ଗୁହାଳଭାବେ ବ୍ୟବହୃତ ଘରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଓ କୋମଳମତି ଶିଶୁଙ୍କୁ ଖାଦ୍ୟ ଦେବା କେତେଦୂର ନିରାପଦ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ତେନ୍ତୁଲିଖୁଣ୍ଟି ବ୍ଲକରେ କେଉଁଠି ଅଙ୍ଗନବାଡ଼ି କେନ୍ଦ୍ର ପାଇଁ କାର୍ଯ୍ୟ ଆରମ୍ଭ ହୋଇ ଅଧାରୁ ବନ୍ଦ ତ କେଉଁଠି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ମେଟେରିଆଲ ବିଲ ପାଇଁ ଅର୍ଥ ନ ଥିବାରୁ ଅଙ୍ଗନବାଡ଼ି ଗୃହ କାମ ଅଟକିଛି। କେନ୍ଦ୍ର ଭଙ୍ଗା ଦଦରା ଯୁବକ ସଂଘ ଗୃହରେ ଚାଲିଛି। ପରଜାବାରଙ୍ଗ ପଦର ଗ୍ରାମର ଅଙ୍ଗନବାଡ଼ି ଗୃହ ଭଙ୍ଗା ଦଦରା ଯୁବକ ସଂଘ ଘରେ ଚାଲିଛି ଅଥଚ ଅର୍ଥ ନ ଥିବାରୁ କାମ ଅଧାରେ ଅଟକିଛି। ୨୦୨୦ ନୂତନ ଶିକ୍ଷା ନୀତିରେ ପ୍ରାକ ବିଦ୍ୟାଳୟ ଶିକ୍ଷାକୁ ଗୁରୁତ୍ୱ ଦିଆ ଯାଇଥିବା ବେଳେ କ'ଣ ଏଭଳି ଗୁହାଳ ଘର ବା ଯୁବକ ସଂଘ ଘରେ ପ୍ରାକ ବିଦ୍ୟାଳୟ ଶିକ୍ଷା ଦିଆଯାଉଥିବ ବୋଲି ପ୍ରଶ୍ନ କରିଛନ୍ତି ବୁଦ୍ଧିଜୀବୀ। ଏ ନେଇ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁରମା ମହାପାତ୍ରଙ୍କୁ ପଚାରିବାରୁ ଉକ୍ତ କେନ୍ଦ୍ରର ନୂତନ ଗୃହ ପାଇଁ ଅର୍ଥ ଆସିଯାଇଛି। ଖୁବଶୀଘ୍ର କାମ ଆରମ୍ଭ ହେବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ରବିବାର ଆହାର କେନ୍ଦ୍ର ଖୋଲିବାକୁ ଦାବି

ଜୟପୁର, ୧୯।୯ (ନି.ପ୍ର.)- ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ରବିବାର ମଧ ଆହାର କେନ୍ଦ୍ର ଖୋଲା ରଖିବାକୁ ଦାବି ହୋଇଛି । ଏନେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ଅବଦୁଲ ମହମ୍ମଦ ଆକ୍ତରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଜୟପୁରସ୍ଥିତ ଜିଲା ଚିକିତ୍ସାଳୟକୁ ଦୁର ଦୁରାନ୍ତରୁ ଅନେକ ରୋଗୀ ଆସି ଚିକିତ୍ସିତ ହେଉଛନ୍ତି। ଆହାର କେନ୍ଦ୍ର ସବୁ ଦିନ ଖୋଲା ରହୁଥିବା ବେଳେ ରବିବାର ବନ୍ଦ ରହୁଛି। ଏହିଦିନ ବାହାରୁ ଆସୁଥିବା ରୋଗୀଙ୍କ ସମ୍ପର୍କୀୟମାନେ ଖାଇବା ପାଇଁ ବହୁତ ହଇରାଣ ହେଉଛନ୍ତି। ରବିବାର ଆହାର କେନ୍ଦ୍ର ଖୋଲା ରହିଲେ ସେମାନେ ଉପକୃତ ହେବେ ବୋଲି ...ଅନୁଷ୍ଠାନର ସମ୍ପାଦକ ମୃତ୍ୟୁଞ୍ଜୟ ରାଉତ, କାର୍ତ୍ତିକ ରାଉତ, ପ୍ରବିର ପାତ୍ର, ସତ୍ୟ ତ୍ରିପାଠୀ, ଜୟନ୍ତୀ ଦାସ, ଶ୍ରୀକାନ୍ତ ଦାସ, ସାବିତ୍ରୀ ବେହେରା, ବି. ରମେଶ ପ୍ରମୁଖ କହିଛନ୍ତି।

### ଚତୁର୍ଥ ବାଟାଲିୟନ ପକ୍ଷରୁ ବୃକ୍ଷରୋପଣ



ମାଲକାନଗିରି,୧୯।୯ (ଡି.ଏନ୍.ଏ.)- ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ମାଲକାନଗିରି ମୋଟୁ ରାସ୍ତା ଏମ୍.ଭି.-୩ସ୍ଥିତ ଚତୁର୍ଥ ବାଟାଲିୟନ ପରିସରରେ ସୋମବାର ବିଭିନ୍ନ ପ୍ରଜାତିର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ କମାଣ୍ଡାଣ୍ଟ ପ୍ରମୋଦ ଜେନା, ସହକାରୀ କମାଣ୍ଡାଣ୍ଟ ସରୋଜ ଜେନା, ସାହା ଟେରିଟରିୟାଲ ଟ୍ରଷ୍ଟର ମୁଖ୍ୟ ଜୀବନ ବାବାଙ୍କ ସହ ୩୦ରୁ ଊର୍ଦ୍ଧ୍ୱ ଯବାନ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ୧୦୦ ଏକର ପରିମିତ ଏହି ପୋଲିସ କ୍ୟାମ୍ପରେ ପୂର୍ବରୁ ୨ ହଜାରରୁ ଊର୍ଦ୍ଧ୍ୱ ବୃକ୍ଷ ଲାଗିଥିଲା। ସୋମବାର ୨ଶହ ଚାରାରୋପଣ କରାଯାଇଛି ବୋଲି କମାଣ୍ଡାଣ୍ଟ ଜେନା ସୂଚନା ଦେଇଥିଲେ। ଏଥିପାଇଁ ଭୁବନେଶ୍ୱରସ୍ଥିତ ଶାହା ଟେରିଟରିୟାଲ ଟ୍ରଷ୍ଟ ଚାରା ଯୋଗାଇ ଦେଇଥିଲା।

### ଦିବ୍ୟାଙ୍ଗଙ୍କୁ ଜାଗା ଦେବାକୁ ଦାବି

ଜୟପୁର, ୧୯।୯ (ନି.ପ୍ର.)- ଦିବ୍ୟାଙ୍ଗମାନଙ୍କୁ ସରକାରୀ ଜଗା ଦେବା ପାଇ ସୋମବାର ଦିବ୍ୟାଙ୍ଗମାନେ ଜିଲାପାଳଙ୍କ ଦାରସ୍ଥ ହୋଇ ଦାବି କରିଛନ୍ତି । ଏନେଇ ଗତ ଦିନରେ ପୌରପାଳିକା ଦ୍ୱାରା ସର୍ଭେ କରାଯାଇଥିଲା। ଏହା ସତ୍ୱେ ଦିବ୍ୟାଙ୍ଗମାନଙ୍କୁ ଏଯାଏ ଜାଗା ମିଳିନାହିଁ । ଏ ଦିଗରେ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ସେମାନେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

### କୋରାପୁଟ ମେଡିକାଲ କଲେଜରେ ସିକିଲ୍‌ସ ସେଲ ଆଇସିୟୁ ଉଦ୍‌ଘାଟିତ

କୋରାପୁଟ,୧୯।୯(ସ୍ୱ.ପ୍ର.)- କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ସୋମବାର ସିକିଲ୍‌ସ ସେଲ ଆଇସିୟୁ ଓ ଲବ୍ରୋରେଟେରି ଉଦଘାଟିତ ହୋଇଯାଇଛି। ଜିଲାପାଳ ଅବଦାଲ ଏମ. ଅଖତାର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଛନ୍ତି। ଏହି ସିକିଲ୍‌ସ ସେଲ ଆଇସିୟୁ ଦ୍ୱାରା ଅବିଭକ୍ତ କୋରାପୁଟ ଜିଲାର କୋରାପୁଟ, ନବରଙ୍ଗପୁର, ମାଲକାନାଗିରି, ରାୟଗଡା ଆଦି ଅଞ୍ଚଳର ସିକିଲ୍‌ସ ରୋଗୀ ଉପକୃତ ହେବେ ବୋଲି ଜିଲାପାଳ କହିଛନ୍ତି। କୋରାପୁଟ ଭଳି ଆଦିବାସୀ ବହୁଳ ଅଞ୍ଚଳରେ ଥିବା ସିକିଲ୍‌ସ ସେଲ ରୋଗୀମାନେ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଆସି ସିକିଲସେଲ ଆଇସିୟୁ, ସିକିଲସେଲ ଲାବ୍ରୋରେଟେରି ସମେତ ଏହି ରୋଗର କାରଣ ଓ ନିରାକରଣ ନେଇ ଡାକ୍ତରମାନଙ୍କଠାରୁ ସମସ୍ତ ସୁବିଧା ମାଗଣାରେ ପାଇପାରିବେ ବୋଲି ମେଡିକାଲ କଲେଜ କର୍ତ୍ତୃପକ୍ଷ କହିଛନ୍ତି। ଉଦଘାଟନୀ ସମୟରେ ମେଡିକାଲ କଲେଜର ଡିନ୍ ପ୍ରଫେସର କୃଷ୍ଣଚନ୍ଦ୍ର ବିଶ୍ୱାଳ, ଅଧୀକ୍ଷକ ପ୍ରଫେସର ସୀତାରାମ ମହାପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

### ୭୦ ଛାତ୍ରୀଛାତ୍ରଙ୍କୁ ଜଣେ ଶିକ୍ଷକ
### ଜିଲା ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

କୋରାପୁଟ, ୧୯।୯(ସ୍ୱ.ପ୍ର.)- କୋରାପୁଟ ବ୍ଲକ ଅନ୍ତର୍ଗତ ଗିର୍ଲିପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଲାଗିରହିଛି। ଫଳରେ ସୋମବାର ଗିର୍ଲିପୁଟ ଗ୍ରାମବାସୀ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ଏନେଇ ସେମାନେ ଏକ ଦାବିପତ୍ର ଜିଲା ଶିକ୍ଷା ଅଧିକାରୀଙ୍କୁ ଦେଇଛନ୍ତି। ଏହି ବିଦ୍ୟାଳୟରେ ୭୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ସେମାନଙ୍କୁ ପାଠ ପଢାଇବା ପାଇଁ ଜଣେ ମାତ୍ର ଶିକ୍ଷକ ଅଛନ୍ତି। ତୁରନ୍ତ ଅଧିକ ଶିକ୍ଷକ ନିଯୁକ୍ତ ଦେବାକୁ ଗ୍ରାମର ଦେବକୀ ଗୌଡ, ପୀତବାସ ଜାନିଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି। ଜିଲା ପ୍ରଶାସନ ଏଦିଗରେ ହସ୍ତକ୍ଷେପ କରି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ନିର୍ମାଣ ସରିଛି, କାର୍ଯ୍ୟକ୍ଷମ ହୋଇପାରୁନି ପୋଲ

ମାଲକାନଗିରି,୧୯।୯ (ଡି.ଏନ୍.ଏ.)

- ସଂଯୋଗୀକରଣ ରାସ୍ତା ସାଜିଛି ବାଧକ
- ୩ ପରିବାରଙ୍କ ରାସ୍ତାକଡକୁ ଲାଗି ରହିଛି ପଟ୍ଟାଜମି
- ଉଚ୍ଛେଦ ପାଇଁ ସରକାରଙ୍କ ଅନୁମତି ଲୋଡା: ତହସିଲଦାର

ମାଲକାନଗିରି ଜିଲାରେ ପ୍ରତିବର୍ଷ ଲଗାଣ ବର୍ଷାରେ ବିଭିନ୍ନ ନଦୀର ଜଳସ୍ରୋତ ବୃଦ୍ଧି ପାଇ ଯାତାୟାତ ଠପ୍ ହୋଇଯାଏ । ବିଶେଷ କରି ମାଲକାନଗିରି-ଚିତ୍ରକୋଣ୍ଡା ମୁଖ୍ୟ ରାସ୍ତାର ଏମ୍.ଭି.-୧୧, କୋରୁକୋଣ୍ଡା, ତାର୍ଲାକୋଟାଠାରେ ଥିବା ନଦୀରେ ଏହି ଅବସ୍ଥା ଲାଗି ରହିଥିଲା। ରାଜ୍ୟ ସରକାର ଏହାକୁ ଗୁରୁତ୍ୱ ଦେଇ ଏହି ତିନୋଟି ନଦୀରେ ପୋଲ ନିର୍ମାଣ ପାଇଁ ଏମ୍.ଭି. ୧୧ର ଦାନିଗୁଡା ନଦୀରେ ୬/୮୬୩ କିମି, କୋରୁକୋଣ୍ଡା ନଦୀରେ ୧୬/୨୫୦ କିମି, ଏବଂ ତର୍ଲାକୋଟା ଏମ୍.ଭି.-୩୭ ନଦୀରେ ୨୪/୧୧୦ କିମିର ପୋଲ ନିର୍ମାଣ ପାଇଁ ୧୨ କୋଟି ୩୩ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ପରେ ଏହାର ଟେଣ୍ଡର ପ୍ରକ୍ରିୟା ୨୦୧୬ରେ ଶେଷ ହୋଇ ଠିକାଦାର ଚଳିତ ବର୍ଷ ଏମ୍.ଭି. ୧୧ ଏବଂ କୋରୁକୋଣ୍ଡା ନଦୀର ପୋଲ ନିର୍ମାଣ ଏବଂ ସଂଯୋଗୀ ରାସ୍ତା ଶେଷ କରିବା ପରେ ଏବେ ଏହି ପୋଲ ଉପରେ ଗାଡିମୋଟର ଯାତାୟାତ କରୁଛି।



ରାସ୍ତା ସଂଯୋଗୀକରଣ ହୋଇ ପାରୁ ନ ଥିବା ପୋଲ।

ମାତ୍ର ଏମ୍.ଭି. ୩୭ସ୍ଥିତ ତାର୍ଲାକୋଟା ନଦୀରେ ପୋଲ ନିର୍ମାଣ କାର୍ଯ୍ୟ ବର୍ଷେ ହେଲା ସରିଥିଲେ ମଧ୍ୟ ଉଭୟ ପାର୍ଶ୍ୱର ସଂଯୋଗୀକରଣ ରାସ୍ତା ନିର୍ମାଣ ହୋଇପାରୁ ନ ଥିବାରୁ ଯାତାୟାତରେ ବାଧକ ସାଜିଛି। ପୋଲକୁ ଲାଗି ସହଦେବ ବୈଦ୍ୟ, ବରୁଣ ମଜୁମଦାର ଓ ମଧୁମଙ୍ଗଳ ବିଶ୍ୱାସଙ୍କ ପରିବାର ବସବାସ କରୁଛନ୍ତି। ମୁଖ୍ୟ ରାସ୍ତା କଡକୁ ଲାଗି ସେମାନଙ୍କ ପଟ୍ଟା ଜମି ରହିଥିବା ଦାବି କରିଛନ୍ତି। ଆମ ଘରର ମୂଲ୍ୟ ଓ ଜମିର ମୂଲ୍ୟ ଏପର୍ଯ୍ୟନ୍ତ ପାଇନାହୁଁ। ଏନେଇ ଚିତ୍ରକୋଣ୍ଡା ତହସିଲଦାର, ରାଜସ୍ୱ ନିରୀକ୍ଷକ ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇ କିଛି ସୁଫଳ ପାଇନାହୁଁ। କ୍ଷତିପୂରଣ ଅର୍ଥ ପାଇଲା ପରେ ଘର ଭଙ୍ଗାଯାଇ ପୋଲର ଉଭୟ ପଟର ସଂଯୋଗୀକରଣ ରାସ୍ତା ନିର୍ମାଣ କରିବାକୁ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ କ୍ଷତିପୂରଣ ପାଇ ନ ଥିବାରୁ ଆମେ ଏହି ସଂଯୋଗୀକରଣ ରାସ୍ତା ନିର୍ମାଣକୁ ବିରୋଧ କରୁଛୁ ବୋଲି ସମ୍ପୃକ୍ତ ୩ ପରିବାର କହିଛନ୍ତି। ଏନେଇ ମାଲକାନଗିରି ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ନିହାର ରଞ୍ଜନ ବେହେରାଙ୍କୁ ପଚାରିବାରୁ ସେ କହିଲେ ଯେ, ଏ ସମ୍ପର୍କରେ ରାଜସ୍ୱ ବିଭାଗକୁ ନେଇ ଏକ ବୈଠକ ହୋଇଥିଲା। ସମ୍ପୃକ୍ତ ବ୍ୟକ୍ତିମାନଙ୍କଠାରୁ ଏନ୍‌ଓସି ଆସି ନ ଥିବାରୁ କାର୍ଯ୍ୟ ବନ୍ଦ ରହିଛି। ଏ ବିଷୟରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ରାଜସ୍ୱ ବିଭାଗ ଏହାର ମୂଲ୍ୟାଙ୍କନ କରି ଦେଲେ ସମ୍ପୃକ୍ତ ପଟ୍ଟାଧାରୀମାନଙ୍କୁ ଅର୍ଥ ପ୍ରଦାନ କରାଯିବ। ଚିତ୍ରକୋଣ୍ଡା ତହସିଲଦାର ଟି. ପଦ୍ମନାଭ ଦୋରାଙ୍କୁ ପଚାରିବାରୁ ସେ କହିଥିଲେ ଯେ, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଏହି ତିନିଜଣଙ୍କ ଘର ଏବଂ ଜମିର କ୍ଷତିପୂରଣ ପ୍ରଦାନ କରିବେ। ତେବେ ଏହି ତିନିଜଣ ବ୍ୟକ୍ତି ଅନୁସୂଚିତ ଜାତି ହୋଇଥିବାରୁ ଏମାନଙ୍କୁ ଉଚ୍ଛେଦ କରିବା ପାଇଁ ରାଜ୍ୟ ସରକାରଙ୍କ ଅନୁମତିର ଆବଶ୍ୟକତା ରହିଛି ବୋଲି ଦୋରା କହିଛନ୍ତି।

# ହାଡ୍ରୋଲିକ ପ୍ରୋଜେକ୍ଟ ନିର୍ମାଣ ନେଇ ୮ ଜଣିଆ ଟିମ୍‌ର ଅନୁଧ୍ୟାନ



ପ୍ରକଳ୍ପ ନିର୍ମାଣ ନେଇ ଅନୁଧ୍ୟାନ କରୁଛନ୍ତି ଟିମ୍ ।

ପଟ୍ଟାଙ୍ଗୀ,୧୯।୯(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୋଟିଆ ପଞ୍ଚାୟତର ନେରିଡିବାଲସା ଓ ତାଡିବାଲସା ଦୁଇ ଗ୍ରାମ ମଧ୍ୟରେ ନିର୍ମାଣ ହେବାକୁ ଥିବା ହାଡ୍ରୋଲିକ ପ୍ରୋଜେକ୍ଟ ପାଇଁ ରାଜ୍ୟ ହାଡ୍ରୋ ପାୱାର କର୍ପୋରେସନର ୮ ଜଣିଆ ଟିମ୍ ସୋମବାର ଜାଗା ଚିହ୍ନଟ କରିବା ସହ ଗ୍ରାମବାସୀଙ୍କ ସହ ଆଲୋଚନା କରି ଫେରି ଯାଇଛନ୍ତି। ପରେ ସେମାନେ ଜିଲାପାଳ ଅବ୍ଦଲ ଏମ. ଅଖତରଙ୍କ ସହ ଆଲୋଚନା କରିଥିବା ଜଣାପଡିଛି। କୋଟିଆ ପଞ୍ଚାୟତର ଉପରୋକ୍ତ ଦୁଇ ଗ୍ରାମରେ ଏହି ପ୍ରକଳ୍ପ ନିର୍ମାଣ କଲେ ଏହି ଦୁଇ ଗ୍ରାମ ସମେତ ଉପରସେମ୍ଲି, ଧୂଳିପଦର, ପାନୁକୁଲାଭା ଗ୍ରାମଗୁଡ଼ିକ ଯେପରି ପ୍ରଭାବିତ ନ ହୁଏ ସେଥି ପ୍ରତି ଧ୍ୟାନ ରଖି କାମ କରିବାକୁ ପଡିବ ବୋଲି ଟିମ୍ ତହସିଲର ସୁପ୍ରଭାଇଜର ଗୋଲକ ବିହାରୀ ପରିଡ଼ାଙ୍କ ସହ ଆଲୋଚନା ବେଳେ ପ୍ରକାଶ କରିଛନ୍ତି। ଏହି ଟିମ୍‌ରେ ଜେନେରାଲ ମ୍ୟାନେଜର ଏଲଡି ବେହେରାଙ୍କ ସହ ଆଦାନୀ ଗ୍ରୁପର କର୍ମଚାରୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଏହି ଟିମ୍ ସମ୍ପର୍କରେ ସୂଚନା ପାଇ ଆନ୍ଧ୍ରର କୋଟିଆ ପଞ୍ଚାୟତ ପାଇଁ ନିଯୁକ୍ତି ପାଇଥିବା ପୋଲିସ ସିଆଇ ରୋହିନି ପାଥି ଘଟଣା ସ୍ଥଳରେ ପହଞ୍ଚି ଟିମ୍ ସହ ଆଲୋଚନା କରି ତଥ୍ୟ ସଂଗ୍ରହ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ନେରିଡିବାଲସା ଓ ତାଡିବାଲସା ଦୁଇ ଗ୍ରାମ ନିକଟରେ ଥିବା ନଦୀରେ କିପରି ହାଡ୍ରୋଲିକ ପ୍ରୋଜେକ୍ଟ ନିର୍ମାଣ ହୋଇପାରିବ ସେନେଇ କିଛି ମାସ ତଳେ ଆନ୍ଧ୍ର ସରକାରଙ୍କ ପକ୍ଷରୁ ବେଙ୍ଗାଲୁରୁରୁ ଏକ କମ୍ପାନୀର କର୍ମଚାରୀ ଆସି ମାଟି ପରୀକ୍ଷା ଲାଗି ସଂଗ୍ରହ କରିଥିଲେ। ଏହାକୁ ଓଡିଶା ପକ୍ଷରୁ ପଟ୍ଟାଙ୍ଗୀ ବ୍ଲକ ପ୍ରଶାସନ ପହଞ୍ଚି ବନ୍ଦ କରିଥିଲା। ଫଳରେ ସେବେଠାରୁ ଉକ୍ତ କାର୍ଯ୍ୟ ବନ୍ଦ ରହିଥିଲା।

**ଖବରପାଇ ଆନ୍ଧ୍ର ପୋଲିସ ସିଆଇ ନେଲେ ତଥ୍ୟ**

# ଶ୍ରମିକଙ୍କ ମଜୁରି ଟଙ୍କା ପ୍ରଦାନରେ ଚନ୍ଥକତା

ବୈପାରିଗୁଡା,୧୯।୯ (ଡି.ଏନ୍.ଏ.)

**ନଳକୂପ ପ୍ଲାଟଫର୍ମ ନିର୍ମାଣ ଦୁର୍ନୀତି**

କୋରାପୁଟ ଜିଲା ବୈପାରିଗୁଡା ବ୍ଲକ ଚିପାକୁର ପଞ୍ଚାୟତର କାଉକୁଣ୍ଡ ଗ୍ରାମରେ ୨ଟି ନଳକୂପ ପ୍ଲାଟଫର୍ମ ନିର୍ମାଣରେ ବ୍ୟାବକ ଚନ୍ଥକତା ହୋଇଥିବା ଅଭିଯୋଗ ହୋଇଛି। ୬ ମାସ ତଳେ ବୈପାରିଗୁଡା ପଞ୍ଚାୟତ ସମିତି ପକ୍ଷରୁ ଉକ୍ତ ଗ୍ରାମରେ ୨ଟି ନବନିର୍ମିତ ନଳକୂପର ପ୍ଲାଟଫର୍ମ ନିର୍ମାଣ ପାଇଁ ୨୦ ହଜାର ଟଙ୍କା ଲେଖାଏ ମୋଟ ୪୦ ହଜାର ମଞ୍ଜୁର ହୋଇଥିଲା। ଉକ୍ତ କାମ କରିବାକୁ ସେହି ଗ୍ରାମର ୪ ଜଣ ଯୁବକ ଦଶରଥ ଶାନ୍ତାୟ, ରତି ଗଲ୍ଲରି, ସୁରେନ୍ଦ୍ର ଖରା ଓ ଦନୁ ଖରା ଦାୟିତ୍ୱ ନେଇଥିଲେ। ଏଥିପାଇଁ ଆବଶ୍ୟକ ସିମେଣ୍ଟ, ବାଲି, ଗୋଡି ସେମାନେ ହାତ ଉଦ୍ଧାର ଅର୍ଥ ଆଣି କିଣିଥିଲେ। ଶ୍ରମିକ ଭାବେ ମଧ୍ୟ ନିଜେ ନିୟୋଜିତ ହୋଇଥିଲେ। ସେମାନେ ଏବାବଦରେ ୪୦ ହଜାର ପାଇବା କଥା। ଏଥିରୁ ପାସବୁକ୍‌କୁ ୬ହଜାର ଲେଖାଏ ୧୨ ହଜାର ଯିବା ପରେ ସେମାନେ ନଗଦ ୨୮ ହଜାର ଟଙ୍କା ପାଇବା କଥା। ଏନେଇ ବିଲ୍ ପାଇଁ ବାରମ୍ବାର ଧାଇଁବା ପରେ ଗତ ସପ୍ତାହରେ ଜଣେ ମଧ୍ୟସ୍ଥିଙ୍କ ହାତରେ ୧୧ ହଜାର ୭ ଶହ ଟଙ୍କା ହିସାବରେ ୨ଟି ପ୍ଲାଟ ଫର୍ମ ବାବଦକୁ ୨୩ ହଜାର ୪ ଶହ ଟଙ୍କା ପଠାଇଥିବା କନିଷ୍ଠ ଯନ୍ତ୍ରୀ ପ୍ରମୋଦ ସାହୁ ସେମାନଙ୍କୁ କହିଥିଲେ। ଏହି ମଧ୍ୟସ୍ଥି ସାଜିଥିବା ବ୍ୟକ୍ତିଙ୍କୁ ସେମାନେ ଭେଟିବାରୁ ଗତ ସପ୍ତାହରେ ୫ ହଜାର ଓ ଚଳିତ ସପ୍ତାହରେ ୫ ହଜାର ଟଙ୍କା ଦେଇଥିଲେ। ବଳକା ଟଙ୍କା ଖର୍ଚ୍ଚ କରି ଦେଇଛି ମାସକ ପରେ ଦେବାକୁ କହିଥିଲେ। ଏ ସମ୍ପର୍କରେ କନିଷ୍ଠଯନ୍ତ୍ରୀ ସାହୁଙ୍କୁ ପଚାରିବାରୁ କୌଣସି ସେ ଉତ୍ତର ନ ଦେଇ ବ୍ଲକ ରିସୋର୍ସ କୋର୍ଡିନେଟର ବସନ୍ତ ମହାପାତ୍ରଙ୍କଠାରୁ ବୁଝିବାକୁ କହିଥିଲେ। ଅନ୍ୟପକ୍ଷରେ ଶ୍ରମିକମାନେ ଅଭିଯୋଗ ଆଣିବା ପରେ ନିର୍ମାଣ କାମ ନିମ୍ନମାନର ହୋଇଥିବା ଯନ୍ତ୍ରୀ ସାହୁ କହିଥିଲେ। ଯଦି ନିମ୍ନମାନର କାମ ହୋଇଥିଲା ବିଲ୍ କାହିଁକି କରୁଥିଲେ ବୋଲି ତାଙ୍କୁ ପଚାରିବାରୁ ସେ କିଛି କହି ନ ଥିଲେ।



ଅଭିଯୋଗ କରିଥିବା ଶ୍ରମିକମାନେ।

## ରାଶନ ସାମଗ୍ରୀ ନେବାକୁ ଅନ୍ୟ ଏକ କେନ୍ଦ୍ର ଖୋଲିବାକୁ ଦାବି

ମାଲକାନଗିରି,୧୯।୯ (ସ୍ୱ.ପ୍ର.)

ମାଲକାନଗିରି ସଦର ବ୍ଲକ ଗୌଡଗୁଡା ପଞ୍ଚାୟତରେ ରାଶନ ସାମଗ୍ରୀ ବଣ୍ଟନ ବ୍ୟବସ୍ଥା ସୁରୁଖୁରୁରେ ଚାଲିବା ଲାଗି ଦ୍ୱିତୀୟ କେନ୍ଦ୍ର ଖୋଲିବାକୁ ଦାବି ହେଉଛି। ଏହି ପଞ୍ଚାୟତରେ ୧୩ ଗୋଟି ୱାର୍ଡ ରହଛି। ଏହା ଅଧୀନରେ ୨୦ରୁ ଊର୍ଦ୍ଧ୍ୱ ଗ୍ରାମ ରହିଛି। ଗ୍ରାମଗୁଡିକ ପାଇଁ ଗୌଡଗୁଡା ପଞ୍ଚାୟତ କାର୍ଯ୍ୟାଳୟରେ ରାଶନ ବଣ୍ଟନ ଲାଗି ଗୋଟିଏ ମାତ୍ର କେନ୍ଦ୍ର ରହିଛି। ଏଠାରୁ ଲୋକମାନେ ପ୍ରାୟ ୧୫ କିଲୋମିଟର ଦୂରରୁ ଆସି ଚାଉଳ, ଗହମ, ମ।ଣ୍ଡିଆ, କିରୋସିନ ଆଦି ନେଉଛନ୍ତି। ତେବେ ଗୋଟିଏ ମାତ୍ର କେନ୍ଦ୍ର ଯୋଗୁ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତର ଶେଷ ଗ୍ରାମ ମସାଗୁଡା ଗ୍ରାମଠାରେ ଅନ୍ୟ ଏକ ରାଶନ ସାମଗ୍ରୀ ବଣ୍ଟନ କେନ୍ଦ୍ର ଖୋଲିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ଏକ ପ୍ରତିନିଧି ଦଳ ଯୋଗାଣ ନିରୀକ୍ଷକଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ସମ୍ପୃକ୍ତ ଅଞ୍ଚଳ ଗସ୍ତ କରି ଅନୁଧ୍ୟାନ କରିବା ପରେ ପଦକ୍ଷେପ ନେବାକୁ ଯୋଗାଣ ନିରୀକ୍ଷକ ପ୍ରଭୁ ରଞ୍ଜନ ମହାନ୍ତି କହିଛନ୍ତି ।

## ସାମାଜିକ ଗଣମାଧ୍ୟମରେ ଝିଅଙ୍କୁ ନେଇ ଅଶ୍ଳୀଳ ଗୀତ: କାର୍ଯ୍ୟାନୁଷ୍ଠାନ ନେଇ ଡିଜିଙ୍କୁ ଦାବିପତ୍ର

ମାଲକାନଗିରି,୧୯।୯ (ସ୍ୱ.ପ୍ର.)

ଗତ କିଛି ଦିନ ତଳେ ଶଙ୍କର ଓମ୍ ସରଣମ ନାମକ ଜଣେ ଯୁବକ ବିଭିନ୍ନ ଜିଲାର ଝିଅ ମାନଙ୍କୁ ଆକ୍ଷେପ କରି ଅଶ୍ଳୀଳ ଗୀତ ଗାଇବା ଘଟଣାକୁ ସୋମବାର ଅଞ୍ଚଳବାସୀ ପ୍ରତିବାଦ କରିଛନ୍ତି। ସେମାନେ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସ୍‌ପି ନିତେଶ ୱାଧନୀଙ୍କ ମାଧ୍ୟମରେ ପୋଲିସ ମହାନିର୍ଦ୍ଦେଶ(ଡିଜି)ଙ୍କୁ ଦାବିପତ୍ର ଦେଇଛନ୍ତି ଜିଲାର ବଡ ଦିଦି ସଙ୍ଗଠନର କର୍ମୀ ଏବଂ ଆନ୍ତର୍ଜାତିକ ମାନବାଧିକାର ପରିଷଦ ସଭାପତି ନିରଞ୍ଜନ ମଲ୍ଲ ଏହି ଦାବିପତ୍ର ଦେଇଥିବା ଜଣାପଡିଛି। ମଲ୍ଲଙ୍କ ନେତୃତ୍ୱରେ ଭବାନୀ ହରିଜନ, କୁନି ମାଡ଼କାମି, କୁମାରୀ ଗାଦବା, ଜୋର୍ତିମୟୀ ଖରା ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ଗାୟକ ଶଙ୍କର ଓମ ଶରଣଙ୍କ ବିରୋଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାର ଯୁବତୀ ଓ ମହିଳାମାନେ ଦାବିକରିଛନ୍ତି ।

# ୬୪ ଅଭିଯୋଗ ଶୁଣାଣି କଲେ ଜିଲାପାଳ



ଅଭିଯୋଗ ଶୁଣୁଛନ୍ତି ଜିଲାପାଳ।

ଜୟପୁର,୧୯।୯ (ନି.ପ୍ର.)

ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ଅବଦଲ ଏମ. ଅଖତର ସୋମବାର ୬୪ଟି ଅଭିଯୋଗର ଶୁଣାଣି କରିଛନ୍ତି। ଏଥିରେ ଏସ୍‌ପି ବରୁଣ ଗୁଣ୍ଡପଲ୍ଲି, ଶ୍ରୀ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଗୌରବ ଶିବାଜୀ ଈଶାଲୱର ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପଜିଲାପାଳ ବେଦବର ପ୍ରଧାନ, ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ଥିଲେ। ୮ଟି ଗୋଷ୍ଠୀଗତ ଓ ୫୬ଟି ବ୍ୟକ୍ତିଗତ ଅଭିଯୋଗ ଶୁଣାଣି ପାଇଁ ଆସିଥିଲା। ଜିଲାର ଯୁବତୀଙ୍କୁ ନେଇ ଅଶ୍ଳୀଳ ଗୀତ ଗାଇଥିବା ବାଲେଶ୍ୱରର ଯୁବକଙ୍କୁ ଗିରଫ କରିବାକୁ ମହିଳାମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଶତାଧିକ ମହିଳା, ଜମି ବିବାଦ, ପାନୀୟ ଜଳ ସମସ୍ୟା, ସାସ୍ଥ୍ୟଗତ ସମସ୍ୟା, ଜଗନ୍ନାଥ ସାଗରର ଉନ୍ନତିକରଣ ଚାକିରୀରେ ବଦଳି ସମସ୍ୟା, ଜଳ ନିଷ୍କାସନ ବ୍ୟବସ୍ଥା, ଜୟପୁର ତହସିଲ କାର୍ଯ୍ୟାଳୟ ନିକଟରେ ଷ୍ଟଲ ବସାଇବା ନେଇ ଜିଲାପାଙ୍କୁ ଭେଟି ଅଭିଯୋଗ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପଞ୍ଜୀକରଣ, ବିଭିନ୍ନ କୋର୍ଟରେ କେସ ଯୋଗୁ ହୋଇଥିବା ସମସ୍ୟା ଏବଂ ଆମ୍ବାଗୁଡାସ୍ଥିତ ଗୋଶାଳାରେ କାର୍ଯ୍ୟରତ କର୍ମଚାରୀଙ୍କୁ ପୋଷଣ ଭତ୍ତା ଦେବାନେଇ ଆସିଥିବା ଅଭିଯୋଗର ଶୁଣାଣି ହୋଇଥିଲା। ବିଡିଓ ସୁରଜ ପଟ୍ଟନାୟକ, ତହସିଲଦାର ପ୍ରଧାନ ଟୁଲିଅମ୍ମା, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯୋଶଦା ଗାଧବା, ଏବିଡିଓ, ଟିପିଏସଓଡିଏଲ୍, ବିଦ୍ୟୁତ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

# କୋର୍ଟଚାଲାଣ ହେଲେ ୭ ଅଭିଯୁକ୍ତ

ପଟ୍ଟାଙ୍ଗୀ,୧୯।୯(ଡି.ଏନ.ଏ.)

**ଜବତ ଗଞ୍ଜେଇ ଚୋରାଚାଲାଣ ଘଟଣା**

କୋରାପୁଟ ଜିଲା ତଥା ପଡୋଶୀ ଆନ୍ଧ୍ର ରାଜ୍ୟ ସୀମାକୁ ଲାଗି ରହିଥିବା ପଟ୍ଟାଙ୍ଗୀ ବ୍ଲକ ଗଞ୍ଜେଇ ଚାଲାଣ କାରବାରର ଏକ ପେଣ୍ଠସ୍ଥଳୀ। ଏଠାରୁ ବ୍ଲକ ଦେଇ ବାହାର ରାଜ୍ୟକୁ ଚୋରାରେ ଗଞ୍ଜେଇ ଚାଲାଣ ହେଉଛି। ଏପରି କାରବାର ସମ୍ପର୍କରେ ପୋଲିସ ନିକଟରେ ସୂଚନା ରହିଥିଲେ ମଧ୍ୟ ଏଥିରେ ପୋଲିସ ସମ୍ପୂର୍ଣ୍ଣ ଚୁପ ରହେ। ବିଗତ ଦିନରେ ଯାହା ବି ଚୋରା ଗଞ୍ଜେଇ ଚାଲାଣ ଧରପଗଡ ହୋଇଛି ତାହା ପୋଲିସ ନିଜ ଇଚ୍ଛାରେ ଧରପଗଡ କରିନାହିଁ। ଉପର ମହଲରୁ ପୋଲିସକୁ ନିର୍ଦ୍ଦେଶ ଆସିଲେ ପୋଲିସ ଚୋରା ଗଞ୍ଜେଇ ଚାଲାଣକୁ ଠାବ କରିବାରେ ତତ୍ପର ହୋଇପଡେ। ଯାହାର ଉଦାହରଣ ଗତ ଶନିବାର ବିଳମ୍ବିତ ରାତିରେ ସୁଙ୍କି ପୋଲିସ ଜବତ ଗଞ୍ଜେଇ ଚୋରା ଚାଲାଣ ବେଳେ ଏଥିରେ ରୋକୋ ଲଗାଇବା ବୋଲି ଆଲୋଚନା ହେଉଛି। ଏଥିରେ ସମ୍ପୃକ୍ତ ଅଟକ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଅବକାରୀ ବିଭାଗର ଏଏସଆଇ ଆରୋପଲୋକ ଦାସ, ଦୁଇ କନେଷ୍ଟବଳ ଆର. ଭେଙ୍କେଟଶ୍ୱର କୁମାର, ତ୍ରିଲୋଚନ ରାୟଚେଙ୍ଗି, ରାଜସ୍ଥାନର ପ୍ରକାଶ ଭେଲ, ରାଜକୁମାର ଚେଙ୍ଗି, ଧୀରଜ ତୁରୁକ ଏବଂ ୱେବ ଗଣମାଧ୍ୟମ ପ୍ରତିନିଧି ଗୋଲକ ବିହାରୀ ବାଗ ବୋଲି ସୁନାବେଡା ଏସଡିପିଓ ମନୋଜ ବେହେରା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏନେଇ ପଟ୍ଟାଙ୍ଗୀ ଥାନାରେ ୧୨୯/୨୨ରେ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ଜବତ ଗଞ୍ଜେଇକୁ ଟ୍ରକରେ ଲୋଡ କରି ଏହା କିପରି ରାଜ୍ୟ ବାହାରକୁ ଯିବ ସେନେଇ ଅବକାରୀ ବିଭାଗର କନଷ୍ଟେବଳ ତ୍ରିଲୋଚନ ରାୟଚେଙ୍ଗି ମାଷ୍ଟର ମାଇଣ୍ଡ ବୋଲି କୁହାଯାଉଛି। ତ୍ରିଲୋଚନଙ୍କ ଦ୍ୱାରା ଏହାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। ଏ ସମ୍ପର୍କରେ ଜାଣିବା ପରେ ଜିଲା ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ତ୍ରିଲୋଚନଙ୍କ ଗତିବିଧି ଉପରେ ନଜର ରଖି ତାଙ୍କୁ ଗିରଫ କରିବାକୁ ଯୋଜନା କରିଥିଲା । ଶେଷରେ ଏହି ଟିମ୍ ୮୦୩ କେଜି ୭୬୫ ଗ୍ରାମ ଗଞ୍ଜେଇ ଜବତ କରିବାରେ ସଫଳ ହୋଇଥିଲା। ତେବେ ଘଟଣା ପରଠାରୁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଖବର ସଂଗ୍ରହଠାରୁ ଦୂରେଇ ରଖିବା ନେଇ ପୋଲିସର କାର୍ଯ୍ୟକଳାପ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାର ଅଧିକ ଖୋଳତାଡ କଲେ ଏଥିରେ ସମ୍ପୃକ୍ତ ଥିବା ଅନ୍ୟମାନେ ଧରାପଡିବେ ବୋଲି ସାଧାରଣରେ ଆଲୋଚନା ହେଉଛି।

# ଦୁର୍ନୀତିକୁ ବିରୋଧ କରି ଧାରଣା ଦେବାକୁ ଦାବିପତ୍ର ଦେଲା କଂଗ୍ରେସ

ଦଶମନ୍ତପୁର,୧୯।୯( ଡି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ସୋମବାର ଦୁର୍ନୀତିକୁ ବିରୋଧ କରି କଂଗ୍ରେସ ଓ ପଞ୍ଚାୟତିରାଜ ସଂସ୍ଥାର କର୍ମକର୍ତ୍ତାମାନେ ଆଗାମୀ ୨୬ରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ ଭାବେ ଧାରଣା ଦେବାକୁ ବ୍ଲକ କର୍ମଚାରୀ ଜ୍ୟୋତିନ୍ଦ୍ରରାଜ ମନବୋଧଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଏଥିରେ ବ୍ଲକ କଂଗ୍ରେସ ସଭାପତି ବେଣୁଧର ପାତ୍ର, ଜିଲା ପରିଷଦ ସଭ୍ୟା ଲଳିତା ଜାନୀ, ସମ୍ପାଦକ ମୋହନ ପାତ୍ର ହିଆଲ, ଲକ୍ଷ୍ମଣ ବିଶୋୟୀ, ଜିଲା ଯୁବ କଂଗ୍ରେସ ସମ୍ପାଦକ ପଙ୍କଜ ବାଘ, ସମିତସଭ୍ୟ ଦୁକୁ ବେନ୍ୟା, ଜିଲା ଯୁବ କଂଗ୍ରେସ ସଭାପତି ଅଶୋକ ଖୋସଲା, ୯ ସମିତିସଭ୍ୟ ଓ ୧୨ ସରପଞ୍ଚ ସାମିଲ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଲୋକଙ୍କ ସମସ୍ୟା ପି.ଆର.ଆଇ. ସଭ୍ୟମାନେ ପ୍ରଶାସନ ଦୃଷ୍ଟିକୁ ଆଣିଲେ ସେମାନଙ୍କୁ ଅଣଦେଖା କରାଯିବା, ପଞ୍ଚାୟତ ସମିତିର ଉନ୍ନୟନମୂଳକ କାର୍ଯ୍ୟରେ ସୁପାରିଶ ଭିତ୍ତିରେ କରାଯିବା, କାର୍ଯ୍ୟଗୁଡ଼ିକ ନିମ୍ନମାନର କରାଯାଇ ଅର୍ଥ ହଡପ କରାଯିବା, ସିସିରୋଡ ଓ ଡ୍ରେନ ନିର୍ମାଣରେ ଦୁର୍ନୀତି ହୋଇଥିବା ବ୍ଲକରେ ୪୦ରୁ ଊର୍ଦ୍ଧ୍ୱ ଅଙ୍ଗନୱାଡି ଗୃହ ୫ବର୍ଷ ହେବ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିବା, ପ୍ରତ୍ୟେକ ପଞ୍ଚାୟତରେ ପିଇଓ, ଜିଆରଏସ୍‌ମାନେ ଅନୁପସ୍ଥିତ ରହିବା ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହାର ସମାଧାନ ନ ହେବାଯାଏ କଂଗ୍ରେସ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଜାରି ରଖିବ ବୋଲି ସଭାପତି ପାତ୍ର କହିଛନ୍ତି।

# 'ପରିବେଶ ପରିବର୍ତ୍ତନରେ ଛାତ୍ରୀଛାତ୍ର ଭୂମିକା ନିଅନ୍ତୁ'

ମାଲକାନଗିରି,୧୯।୯(ଡି.ଏନ୍.ଏ.)

**ଦୀପ୍ତି କନଭେଣ୍ଟ ବିଦ୍ୟାଳୟରେ ବିଜ୍ଞାନମେଳା**

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଦୀପ୍ତି କନଭେଣ୍ଟ ବିଦ୍ୟାଳୟରେ ସୋମବାର ଛାତ୍ରୀଛାତ୍ରଙ୍କୁ ନେଇ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷା ସିଷ୍ଟର ଗ୍ରେସ୍‌ଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ମେଳାରେ ଜିଲା ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରା ମୁଖ୍ୟ ଅତିଥି, ସବୁଜବାହିନୀର ପ୍ରଶିକ୍ଷକ ଦୁର୍ଯ୍ୟୋଧନ ପାତ୍ର ମୁଖ୍ୟବକ୍ତା, ମେଡିସିନ୍ ବିଶେଷଜ୍ଞ ଡ. ପ୍ରଫୁଲ୍ଲ ବେହେରା, ବିଜ୍ଞାନ ମହାବିଦ୍ୟାଳୟ ଅଧକ୍ଷ ଶ୍ରୀଚନ୍ଦନ ମିଶ୍ର ସମ୍ମାନୀୟ ଅତିଥି ରୂପେ ଯୋଗ ଦେଇଥିଲେ। ବର୍ତ୍ତମାନ ବିଶ୍ୱର ପରିବେଶ ବିପଦରେ ପଡିଥିବା ବେଳେ ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଘଟି ଅନେକ ଧନଜୀବନ, ଘରଦ୍ୱାର ନଷ୍ଟ କରୁଛି। ମାନବ ସମାଜ ଶାନ୍ତିରେ ବଞ୍ଚିବା କଷ୍ଟକର ହୋଇ ପଡଲାଣି। ଏପରିସ୍ଥଳେ ଛାତ୍ରୀଛାତ୍ରମାନେ ବୈଜ୍ଞାନିକ ପଦ୍ଧତିରେ କିପରି ପୃଥିବୀର ପରିବେଶକୁ ପରିବର୍ତ୍ତନ କରିହେବ ସେନେଇ ସେମାନେ ନୂତନ ପ୍ରକଳ୍ପମାନ ପ୍ରସ୍ତୁତ କରି ଜନସାଧାରଣଙ୍କୁ ସଚେତନ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀମାନେ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ମେଳାରେ ଛାତ୍ରୀଛାତ୍ରଙ୍କ ୫୦ଟି ପ୍ରକଳ୍ପ ପ୍ରଦର୍ଶନ ହୋଇଥିଲା। ଏହାକୁ ଅଭିଭାବକ ଏବଂ ସାଧାରଣ ଲୋକେ ବୁଲି ଦେଖି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆଗାମୀ ଦିନରେ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଅଧକ୍ଷା ସିଷ୍ଟର ଗ୍ରେସ କହିଛନ୍ତି। ସହକାରୀ ଶିକ୍ଷକ ଉମାଶଙ୍କର ମହାରଣା ଧନ୍ୟବା ଦେଇଥିଲେ।



ଛାତ୍ରୀଛାତ୍ରମାନେ ନିଜ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

### ଗୁଣପୁରରେ ଯୁଗ୍ମ ଅଭିଯୋଗ ଶୁଣାଣି

ଗୁଣପୁର,(ଡି.ଏନ୍.ଏ.)- ଗୁଣପୁର ଉପଜିଲାପାଳଙ୍କ ସଦ୍‌ଭାବନା ଗୃହଠାରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ୱାଧାଦେବ ସିଂ ଉପସ୍ଥିତ ରହି ୯୪ ଅଭିଯୋଗର ଶୁଣାଣି କରିଥିଲେ। ବ୍ୟକ୍ତିଗତ ୫୬ ଏବଂ ସାମୂହିକ ୩୮ ଟି ମାମଲାର ଶୁଣାଣି କରି ରେଡକ୍ରସରୁ ୧୦ ହଜାର ଲେଖାଏ ଦୁଇ ଜଣଙ୍କୁ ସହାୟତା ପ୍ରଦାନ କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩ ଜଣଙ୍କୁ ୨୦ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରିଛନ୍ତି। ମୋଟ ୯୪ଟି ଅଭିଯୋଗର ଶୁଣାଣି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ସମେତ ଜିଲାର ଅନ୍ୟ ଅଧିକାରୀ, ଉପଖଣ୍ଡ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଆକ୍ରମଣ କରି ବାଇକ୍ ଚୋରି ଘଟଣା: ୪ ଗିରଫ

ଅମ୍ବାଦଳା,୧୯।୯(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଅମ୍ବାଦୋଳା ଥାନା ଅଧୀନ ହାଟ ଦହିଖାଲ ପଥପ୍ରାନ୍ତ ନିକଟ ଗୋଲେଇ ଛକ ନିକଟରେ ୪ ଜଣ ଦୁର୍ବୃତ୍ତ ଜଣେ ବାଇକ ଆରୋହୀଙ୍କୁ ପଛରୁ ଆକ୍ରମଣ କରି ବାଇକ ଏବଂ ମୋବାଇଲ ଛଡ଼ାଇ ନେବା ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେମାନେ ହେଲେ ଅମ୍ବାଦଳା ଥାନା ଅଧୀନ ଚେକ୍‌ଗେଟ ପଡ଼ାର ଡ଼ମ୍ବରୁ ମାଝି, ରାହୁଲ ଦେବ ନିହାଲ ଏବଂ ଭବାନୀପାଟଣା ଟାଉନ ଥାନା ଅଧୀନ ପରଦେଶୀପଡ଼ାର ରୋହିତ ରାଉତ ଏବଂ ଟିଭି ସେଣ୍ଟରପଡ଼ାର ଜୟ ସରାଫ। ସୂଚନାଯୋଗ୍ୟ, ଗତ ୧୪ ତାରିଖରେ ଭୁରସିଖିମାର ଗାଁର କ୍ଷେତ୍ର ମସୁରିୟା ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ପୂର୍ବରୁ ଛକି ରହିଥିବା ଦୁର୍ବୃତ୍ତମାନେ ଏକୁଟିଆ ପାଇ ପଛରୁ ଆକ୍ରମଣ କରିବା ସହ ବାଇକ୍ ଏବଂ ମୋବାଇଲ ଛଡ଼ାଇ ନେଇଥିଲେ। ଘଟଣା ନେଇ କ୍ଷେତ୍ର ଆମ୍ବାଦଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆଇଆଇସି କମଳାକାନ୍ତ ବସନ୍ତ କୁମାର କହଁର ତଦନ୍ତ କରି ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

### ଗୁଣି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା ଧମକ

#### ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର



ରାୟଗଡ଼ା ଅଫିସ,୧୯।୯- ଗୁଣି ସନ୍ଦେହରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦିଆଯାଉଥିବା ନେଇ ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନ ଜେକେପୁର ସ୍ଥିତ କଳାହାଣ୍ଡି ପଡ଼ାର ହେମସାଗର ଶିଖା(୩୭) ସୋମବାର ପରିବାର ସହ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନ୍ୟାୟ ଦାବିକରି ସେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମର ବରୁଣ ଦୀପ ଏବଂ କମଳ ବାଗଙ୍କ ଝିଅ ଅସୁସ୍ଥ ହେବାରୁ ସାଗରଙ୍କ ବାପା ଚାକିତନ ଶିଖା(୬୫) ଗୁଣି କରିଥିବା ନେଇ ବରୁଣ ଏବଂ କମଳ ସନ୍ଦେହ କରିଥିଲେ। ଏହାପରେ ଅସଭ୍ୟ ଭାଷାରେ ପରିବାର ଲୋକଙ୍କୁ ଗାଳିଗୁଲଜ କରିବା ସହ ଗାଁରେ ବୈଠକ କରି ଝିଅକୁ ତୁରନ୍ତ ଭଲ ନ କଲେ ହତ୍ୟା କରିବାକୁ ଧମକ ଦେଇଥିଲେ। ୬୫ ବର୍ଷୀୟ ବାପା ଚାକିତନଙ୍କ ଜୀବନ ପ୍ରତି ବିପଦ ରହିଥିବା ଏବଂ ସେମାନେ ଲୁଚି ରହୁଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏ ନେଇ ସେପ୍ଟେମ୍ବର ୧୭ରେ ଚାନ୍ଦିଲି ଥାନାରେ ଏତଲା ଦେଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଫଳରେ ବାଧହୋଇ ହେମସାଗର ଏବଂ ତାଙ୍କ ପରିବାର ସଦସ୍ୟ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଦାବି କରିଥିବା କହିଛନ୍ତି।

# ଜିଲାପାଳଙ୍କ ଗାଡ଼ି ଅଟକାଇ ବିରୋଧ କଲେ ଗ୍ରାମବାସୀ

- ବଂଶଧାରା କତ୍ତୁରୁ ବାଲିଶଯ୍ୟାରୁ ବାଲି ଉଠାଣକୁ ବିରୋଧ
- ଅଭିଯୋଗ ଶୁଣାଣିରେ ମିଳିଲାନି ସନ୍ତୋଷଜନକ ଉତ୍ତର

ଗୁଣପୁର,୧୯।୯(ଡି.ଏନ୍.ଏ.)– ରାୟଗଡ଼ା ଜିଲା ଗୁଣପୁର ବଂଶଧାରା ନଦୀ ବାଲିଶଯ୍ୟାରୁ ବାଲି ଉଠାଣକୁ କେନ୍ଦ୍ରକରି ଜିଲାପାଳ ସ୍ୱାଧାଦେବ ସିଂ ସୋମବାର କତ୍ତୁରୁ ଗ୍ରାମବାସୀଙ୍କ ବିରୋଧର ଶିକାର ହୋଇଛନ୍ତି। ଅଭିଯୋଗ ଶୁଣାଣି ପାଇଁ ଜିଲାପାଳ ଗୁଣପୁର ଆସିଥିବାବେଳେ ଗ୍ରାମବାସୀଙ୍କ ବାଲି ଉଠାଣ ବନ୍ଦ ଦାବି ଉପରେ ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ଫଳରେ ସେମାନେ ଜିଲାପାଳଙ୍କ ଗାଡ଼ି ଆଗରେ ବିରୋଧ ପ୍ରଦର୍ଶନ କରିଥିଲେ। ପରିସ୍ଥିତି ଏପରି ହୋଇଥିଲା, ଜିଲାପାଳ ଫେରିବା ସମୟରେ ଗାଡ଼ି ଛାଡ଼ି କିଛିଦୂର ଚାଲିଚାଲି ଯିବାକୁ ବାଧ ହୋଇଥିଲେ। ତଥାପି ଗ୍ରାମବାସୀ ଜିଲାପାଳଙ୍କ ପିଛା କରି ତାଙ୍କୁ ଯିବାକୁ ଦେଇ ନ ଥିଲେ। ଏସ୍‌ପି ବିବେକାନନ୍ଦ ଶର୍ମା ଏବଂ ସୁରକ୍ଷା କର୍ମୀ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଜିଲାପାଳଙ୍କୁ ନେଇଥିଲେ। ପରେ ଜିଲାପାଳ ଗ୍ରାମବାସୀଙ୍କ ସହ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ଗ୍ରାମବାସୀଙ୍କ ଅଭିଯୋଗ ହେଲା, ବାଲି ଖନନ ଦ୍ୱାରା ଗାଁ ବୁଡ଼ିଯିବ। ସେହିପରି ନିୟମିତ ଗାଁ ଦେଇ ଗାଡ଼ିରେ ବାଲି ଚାଲାଣ ହେଉଥିବାରୁ ପିଲାମାନେ ଦୁର୍ଘଟଣାର ସମ୍ମୁଖୀନ ହେବା ଆଶଙ୍କା ରହିଛି। ତେଣୁ ଗୁଣପୁର ବଂଶଧାରା ନଦୀ କତ୍ତୁରୁ ବାଲିଶଯ୍ୟା-୧ ରୁ ବାଲି ଖନନ ବନ୍ଦ କରାଯାଉ ବୋଲି ସେମାନେ ଦାବି କରିଥିଲେ। ରବିବାର ଗ୍ରାମର ମହିଳା ଓ ପୁରୁଷଙ୍କ ସମେତ ସ୍କୁଲ ଛାତ୍ରୀଛାତ୍ର ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିବାବେଳେ ସୋମବାର ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମକୁ ଆସି ବାଲି ଉଠାଣ ବନ୍ଦ କରିବାକୁ ଦାବି ଜଣାଇଥିଲେ। ତେବେ ବାଲି ଉଠାଣ ନେଇ ସମସ୍ତ ପ୍ରକ୍ରିୟା ସରିଥିବା ଜିଲାପାଳ କହିଥିଲେ। ଏଥିରୁ ରାଜସ୍ୱ ମିଳୁଥିବାରୁ ବାଲି ଉଠାଣ ବନ୍ଦ କରାଯାଇପାରିବ ନାହିଁ ବୋଲି ସେ ଗ୍ରାମବାସୀଙ୍କୁ ବୁଝାଇଥିଲେ। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଗ୍ରାମବାସୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ବାହାରେ ଜିଲାପାଳଙ୍କୁ ଅପେକ୍ଷା କରିଥିଲେ। କାର୍ଯ୍ୟକ୍ରମରୁ ଫେରିବା ପରେ ଜିଲାପାଳଙ୍କ ଗାଡ଼ି ସମ୍ମୁଖରେ ବିରୋଧ କରିଥିଲେ। ଏହି ସମୟରେ ପୋଲିସ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରେ ଜିଲାପାଳ କତ୍ତୁରୁ ଗ୍ରାମର ୫ ଜଣ ଲେଖାଏ ମହିଳା ଏବଂ ପୁରୁଷଙ୍କୁ ଡକାଇ ଆଲୋଚନା କରିଥିଲେ। ଗାଁକୁ ଯାଇ ସମସ୍ୟା ଦେଖିବାକୁ ଗ୍ରାମବାସୀ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ସମସ୍ୟା ଶୁଣିବା ପରେ ଲିଜ୍ ଅଞ୍ଚଳ ଏବଂ ଗାଁକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରାଯିବ ଏବଂ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ଥମିଥିଲା।



କତ୍ତୁରୁ ଗ୍ରାମବାସୀ ଜିଲାପାଳଙ୍କ ଗାଡ଼ି ଆଗରେ ବସି ପ୍ରତିବାଦ କରୁଛନ୍ତି।

## ପ୍ରକଳ୍ପସ୍ତରୀୟ ପୋଷଣ ମାସ
# ବିଭିନ୍ନ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶିତ

ଜୟପୁର, ୧୯।୯ (ନି.ପ୍ର.)

ପ୍ରକଳ୍ପସ୍ତରୀୟ ପୋଷଣ ମାସ ଅବସରରେ ବିଭିନ୍ନ ପ୍ରକାର ପୁଷ୍ଟିକର ଖାଦ୍ୟ ପ୍ରଦର୍ଶିତ ହୋଇଛି। ଜୟପୁର ସମନ୍ୱିତ ଶିଶୁ ବିକାଶ ଯୋଜନା ଆନୁକୂଲ୍ୟରେ ପୋଷଣ ଶିଶୁ ବିକାଶ ଯୋଜନା ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲାପାଳ ଅବଦୁଲ ମହମ୍ମଦ ଅକ୍ତର, ଏସ୍‌ପି ବରୁଣ ଗୁଣ୍ଡପାଲ୍ଲି, ସିଡିଏମଓ ଅରୁଣ ପାଢୀ, ଉପ ଜିଲାପାଳ ବେଦବର ପ୍ରଧାନ, ସିଡିପିଓ ସୁଚିତା ପଣ୍ଡା, ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ମା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦର୍ଶିତ ପୁଷ୍ଟିକର ଖାଦ୍ୟକୁ ଜିଲାପାଳ ଆକ୍ତରଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ବୁଲି ଦେଖିଥିଲେ। ଏହି ପ୍ରଦର୍ଶନୀରେ ଅଙ୍ଗନୱାଡି କର୍ମୀ, ସୁପରଭାଇଜର, ଗର୍ଭବତୀ ମହିଳା, ପ୍ରସୂତି ମହିଳା, କିଶୋରୀ ବାଳିକା, ପ୍ରାକ ବିଦ୍ୟାଳୟର ଶିଶୁ, ଏସଏସଜି ମହିଳା ସଦସ୍ୟ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଶିଶୁର ୧ ହଜାର ଦିନ କାହିଁକି ଗୁରୁତ୍ୱ ପୂର୍ଣ୍ଣ, ପୋଷଣର ୫ଟି ସୂତ୍ର, ବିଭିନ୍ନ ପ୍ରକାର ଖାଦ୍ୟ, ଶିଶୁର ପୁଷ୍ଟିସାଧନ କିପରି ହୋଇପାରିବ ତାହା ଦର୍ଶାଯାଇଥିଲା।

# ମନ୍ତ୍ରୀ ଫେରିବା ପରେ ଭାଙ୍ଗିଦେଲେ ଉଦ୍‌ଘାଟନୀ ଫଳକ

- ପେନିକଣାରେ ମୋବାଇଲ ଟାୱାର
- ବିରୋଧୀ ଗୋଷ୍ଠୀଙ୍କ କାଣ୍ଡ ବୋଲି ଚର୍ଚ୍ଚା

ରାୟଗଡ଼ା ଅଫିସ,୧୯।୯

ଉପାନ୍ତ ରାୟଗଡ଼ା ଜିଲାର ଅନେକ ଗାଁକୁ ଏବେ ବି ମୋବାଇଲ ଟାୱାର ଅପହଞ୍ଚ ରହିଛି। ସଦର ବ୍ଲକ ଡାଙ୍ଗଲୋଡି ପଞ୍ଚାୟତର ପେନିକଣାଠାରେ ମୋବାଇଲ ଟାୱାର ସ୍ଥାପନ ହୋଇଥିବାବେଳେ ସୋମବାର ଆଦିବାସୀ କଲ୍ୟାଣ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଏହାର ଉଦ୍‌ଘାଟନ କରିଥିଲେ। ତେବେ ମନ୍ତ୍ରୀ ଟାୱାର ଉଦ୍‌ଘାଟନ କରି ଫେରିବାର ମାତ୍ର ଅଧଘଣ୍ଟା ମଧ୍ୟରେ କେହି ଦୁର୍ବୃତ୍ତ ଉଦ୍‌ଘାଟନୀ ଫଳକକୁ ଭାଙ୍ଗି ଦେଇଛନ୍ତି।

ଜିଲାରେ ମୋବାଇଲ ଟାୱାର ସ୍ଥାପନ ନିମନ୍ତେ କଂଗ୍ରେସ ଏମ୍‌ପି ପାର୍ଲାମେଣ୍ଟରେ ଦାବି ଉଠାଇଥିବାବେଳେ ବିଜେଡି ନେତା ତଥା ମନ୍ତ୍ରୀ ରାଜନୈତିକ ଲାଭ ଉଦ୍ଦେଶ୍ୟରେ ଦଳୀୟ କାର୍ଯ୍ୟକ୍ରମ ଭଳି ମୋବାଇଲ ଟାୱାର ଉଦ୍‌ଘାଟନ କରୁଥିବାରୁ ବିରୋଧୀ ଅସନ୍ତୁଷ୍ଟ ଗୋଷ୍ଠୀ ଏଭଳି କାଣ୍ଡ ଘଟାଇଥିବା ଗାଁରେ ଚର୍ଚ୍ଚା ହେଉଛି। ତେବେ ଫଳକ କିଏ ଭାଙ୍ଗିଲା ତାହା କେହି ଦେଖି ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ପକ୍ଷରୁ ଫଳକ ଭଙ୍ଗାଯାଇଥିବା ନେଇ ହେଉଥିବା ଚର୍ଚ୍ଚା ବିଷୟରେ ଜିଲା କଂଗ୍ରେସ ସଭାପତି ଦୁର୍ଗା ପ୍ରସାଦ ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, କଂଗ୍ରେସ ଏଭଳି ଛୋଟ କାମ କରେନାହିଁ। ଏମ୍‌ପି ସପ୍ତଗିରି ଉଲାକାଙ୍କ ବାରମ୍ବାର ପାର୍ଲାମେଣ୍ଟରେ ଦାବି ପରେ ଟାୱାର ବସିବା ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି।

ଅଞ୍ଚଳରେ ନେଟୱର୍କ ସେବା ଉପଲବ୍ଧ ନ ଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଟାୱାର ସ୍ଥାପନ ପରେ ଅଞ୍ଚଳବାସୀ ଉପକୃତ ହେବେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏଥିସହ ଫଳକ ଭଙ୍ଗା ଘଟଣାକୁ ମଧ୍ୟ ସେମାନେ ନିନ୍ଦା କରିଛନ୍ତି। ସୂଚନାଯୋଗ୍ୟ, ସଦର ବ୍ଲକ ଅନ୍ତର୍ଗତ ଡାଙ୍ଗଲୋଡି ସମେତ କାରୁବାଇ, ପିପଲଗୁଡ଼ା, ମିରାବାଲି, ସାନ୍ଧୁବାଡ଼ି, ଦୁର୍ଗପାଡୁ ଆଦି ପଞ୍ଚାୟତରେ ମୋବାଇଲ ନେଟୱର୍କ ସୁବିଧା ନ ଥିଲା। ଫଳରେ ଲୋକେ ଆମ୍ବୁଲାନ୍ସ, ବ୍ୟାଙ୍କ ସେବା, ଅନ୍‌ଲାଇନ ପାଠପଢ଼ା ଆଦି କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଅନେକ ସମୟରେ ଟାୱାର ସ୍ଥାପନ ନିମନ୍ତେ ଦାବି ହୋଇ ଆସୁଥିଲା। ପରବର୍ତ୍ତୀ ସମୟରେ ପେନିକଣାଠାରେ ଜିଓ ଟାୱାର ସ୍ଥାପନ କରାଯାଇଥିଲା। ଯଥାଶୀଘ୍ର ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ଅଞ୍ଚଳବାସୀ ଦାବି କରିବା ପରେ ସୋମବାର ମନ୍ତ୍ରୀଙ୍କ ଦ୍ୱାରା ଏହାର ଉଦ୍‌ଘାଟନ କରାଯାଇଥିଲା। ବିଳମ୍ବ ହୋଇଥିଲେ ମଧ୍ୟ ଏହାଦ୍ୱାରା ଅଞ୍ଚଳବାସୀଙ୍କ ବିକାଶ ଘଟିବ ବୋଲି ମନ୍ତ୍ରୀ ଟାୱାର ଉଦ୍‌ଘାଟନ ଅବସରରେ କହିଥିଲେ। ମୋବାଇଲରେ ସିଗ୍‌ନାଲ ଦେଖି ଅଞ୍ଚଳବାସୀ ମଧ୍ୟ ବେଶ୍ ଖୁସି ହୋଇଥିବା ଦେଖିବାକୁ ମିଳିଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସମେତ ଜିଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝି, ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ରାୟଗଡ଼ା ବ୍ଲକ ଅଧ୍ୟକ୍ଷା ଚୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପ୍ରୁକା ପ୍ରମୁଖ ଉପସ୍ଥିତ ଥିଲେ।




ମନ୍ତ୍ରୀ ଜଗନ୍ନାଥ ସାରକା ମୋବାଇଲ ଟାୱାର ଉଦ୍‌ଘାଟନ କରୁଛନ୍ତି।



ଭାଙ୍ଗି ଦିଆଯାଇଥିବା ଉଦ୍‌ଘାଟନୀ ଫଳକ।

# ଆମ୍ ଆଦ୍‌ମୀ ପାର୍ଟିର ରାୟଗଡ଼ା ଜିଲା କାର୍ଯ୍ୟକର୍ତ୍ତା ସମ୍ମିଳନୀ

ରାୟଗଡ଼ା ଅଫିସ,୧୯।୯

ରାୟଗଡ଼ା ସ୍ଥିତ ଭେଙ୍କେଟେଶ୍ୱର କଲ୍ୟାଣ ମଣ୍ଡପଠାରେ ଆମ୍ ଆଦ୍‌ମୀ ପାର୍ଟି(ଆପ୍)ର କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆପ୍‌ର ରାଜ୍ୟ ଉପ ସଭାପତି ଦୁର୍ଗା ପ୍ରସାଦ ଦାଶ ମୁଖ୍ୟ ଅତିଥି ଭାବେ ଏବଂ ରାଜ୍ୟ ନେତୃତ୍ୱ ସୌମ୍ୟ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଖଣି, ପାଣି, ଜଙ୍ଗଲ ଜମି ଓ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ରାୟଗଡ଼ା ଜିଲା ରାଜ୍ୟ ତଥା ଜିଲା ନେତୃତ୍ୱଙ୍କ ଦୂରଦୃଷ୍ଟି ଅଭାବରୁ ପଛୁଆ ବୋଲି ରାଜ୍ୟ ଉପ ସଭାପତି କହିଛନ୍ତି। ଏଥିସହ ଆଗାମୀ ଦିନରେ ପ୍ରତ୍ୟେକ ଗ୍ରାମ ଓ ପଞ୍ଚାୟତର ସକ୍ରିୟ କର୍ମୀ ଆପ୍‌ରେ ଯୋଗଦେଇ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାଣି, ରୋଜଗାର, ଦୁର୍ନୀତି ମୁକ୍ତ ଓ ଭ୍ରଷ୍ଟାଚାର ମୁକ୍ତ ବ୍ୟବସ୍ଥା ଜିଲାର ଜନସାଧାରଙ୍କ ପାଖରେ ପହଞ୍ଚାଇବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଜିଲାର ସମସ୍ତ ସଂଗ୍ରାମୀ କାର୍ଯ୍ୟକର୍ତ୍ତାଙ୍କୁ ସଙ୍ଗଠିତ କରି ତୃଣମୂଳ ସ୍ତରରୁ ଜିଲା ସ୍ତର ପର୍ଯ୍ୟନ୍ତ ସଙ୍ଗଠନକୁ ଦୃଢ଼ କରିବାକୁ ବ୍ଲକ ଜୋନ୍ ନିର୍ବାଚନମଣ୍ଡଳୀ ସ୍ତରରେ ବୈଠକ କରିବା ପାଇଁ ସମ୍ମିଳନୀର ରାଜ୍ୟ ମୁଖପାତ୍ର(ଓଡ଼ିଶା) ତଥା ରାୟଗଡ଼ା ଜିଲା ସଭାପତି ଜନ୍ମେଜୟ ସ୍ୱାଇଁ ଆହ୍ୱାନ କରିଥିଲେ। ସପ୍ତାହ ମଧ୍ୟରେ ନିଜ ନିଜ ଗ୍ରାମ ଓ ପଞ୍ଚାୟତରେ ସଭ୍ୟ ସଂଗ୍ରହ ପାଇଁ ଏକ ମ୍ୟାପିଂ ସିଟ କର୍ମୀଙ୍କୁ ପ୍ରଦାନ କରିବା ସହ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ ଆପ୍ କାହାର ବିକଳ୍ପ ହେବାକୁ ଚାହୁଁନାହିଁ ବରଂ ବିକଳ୍ପ ରାଜନୀତି କରି ବିଶ୍ୱସ୍ତରୀୟ ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଚାଷୀର ହିତ ତଥା ବିଜୁଳି, ପାଣି ଓ ରୋଜଗାରର ରାଜନୀତି କରିବ ବୋଲି କହିଛନ୍ତି। ଜାତୀୟ ଆବାହକ ଅରବିନ୍ଦ୍ କେଜରିୱାଲଙ୍କ ମେକ୍ ଇଣ୍ଡିଆ ନଂ. ୱାନ୍ ମିଶନରେ ଯୋଡ଼ିହେବା ପାଇଁ ୯୫୧୦୦୦୧୦୦୦ ନମ୍ବରରେ ମିସ୍‌କଲ କରିବାକୁ କହିଛନ୍ତି। କାର୍ଯ୍ୟକ୍ରମରେ ଜିଲାର ଅନେକ କର୍ମୀ ଆପ୍‌ରେ ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମରେ ଶତାଧିକ ଆପ୍‌ର ସକ୍ରିୟ ସଦସ୍ୟ ଉପସ୍ଥିତ ଥିଲେ।

# ଭାଲେରୀ ଆଦର୍ଶ ବିଦ୍ୟାଳୟରେ ପ୍ରତିଷ୍ଠା ଉତ୍ସବ

ଦୁର୍ଗୀ,୧୯।୯(ଡି.ଏନ୍.ଏ.)



ବିଷମକଟକ ବ୍ଲକ ଦୁର୍ଗୀ ପଞ୍ଚାୟତର ଭାଲେରୀ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସୋମବାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ବିଜେଡି ଜିଲା ସଭାପତି ସୁଧୀର କୁମାର ଦାସ, ସମ୍ମାନୀତ ଅତିଥି ରୂପେ ବିଷମକଟକ ସ୍ଥିତ ମାଁ ମାର୍କମା କଲେଜର ପୂର୍ବତନ କୁଳପତି ସୁଦର୍ଶନ ରଥ ଓ ଆଦର୍ଶ ବିଦ୍ୟାଳୟର କୁଳପତି ମଧୁସ୍ମିତା ଦାସ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ସଂଗୀତ ଶିକ୍ଷକ ସୁଭ୍ରାଂଶୁ ଶେଖର ପରିଡ଼ା ବିଚାରକ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଆଦର୍ଶ ବିଦ୍ୟାଳୟର ଛାତ୍ରୀ କବିତା ହିକ୍‌କାଙ୍କୁ ଆଇକନ୍ ଛାତ୍ରୀ ରୂପେ ସମ୍ମାନୀତ କରାଯାଇଛି। ସେ ବିଷମକଟକେ ୧୦ମ ପରୀକ୍ଷାରେ ବ୍ଲକ ଟପ୍ପର ହୋଇଥିଲେ। କାର୍ଯ୍ୟକ୍ରମକୁ ସ୍ମିତା ଭୋଇ ଓ ଆବାସ ଭୋଇ ପରିଚାଳନା କରିଥିଲେ।

# ଜାମରାଗୁଡ଼ା ଓଏଭିରେ ପ୍ରତିଷ୍ଠା ଉତ୍ସବ

ମୁନିଗଡ଼ା,୧୯।୯(ଡି.ଏନ୍.ଏ.)

ମୁନିଗୁଡା ବ୍ଲକ ଜାମରାଗୁଡ଼ା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ରେ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ଲିଲି ଶେଣ୍ଡଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁନିଗୁଡ଼ା ଥାନା ଆଇଆଇସି ସୁଜ୍ଞାନୀ ସାହୁ, ମୁଖ୍ୟବକ୍ତା ରୂପେ ସ୍ତମ୍ଭକାର ମନୋରଞ୍ଜନ ଦଳାଇ, ସମ୍ମାନିତ ଅତିଥି ରୂପେ ମୁନିଗୁଡ଼ା ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ହୃଷିକେଶ ଜାଲି ଓ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଅବିନାଶ ପଟେଲ ଯୋଗ ଦେଇଥିଲେ। ଅଧ୍ୟାପକ ପଟେଲ ଓଏଭିର ସ୍ଥାପନ, ଏହାର ଲକ୍ଷ୍ୟ ଓ ଉତ୍ସବ ବିଷୟରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ଜ୍ଞାନର ଚରମ ଲକ୍ଷ୍ୟ ଚରିତ୍ର ନିର୍ମାଣ ହେବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥି ଜାଲି ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରି ବିଶ୍ୱକୁ ଅନନ୍ୟ ଆଦର୍ଶ ଦେଖାଇବେ ବୋଲି ଆଶାବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ସର୍ବଭାରତୀୟ ସ୍ତରରେ ସୁନାମ ଆଣିବାକୁ ଆହ୍ୱାନ କରିଥିଲେ। ଅଧ୍ୟକ୍ଷା ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷା, ସୃଜନଶୀଳତା ଓ ନୈତିକ ମୂଲ୍ୟବୋଧର ବିକାଶ ସହ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶକୁ ଗୁରୁତ୍ୱ ଦେଇଥିଲେ। ଷଷ୍ଠ ଶ୍ରେଣୀ ଛାତ୍ରୀ ଅଙ୍କିତା ରାୟଙ୍କ ଓଡ଼ିଶୀ ନୃତ୍ୟ, ଛାତ୍ରୀଛାତ୍ରଙ୍କ ଗ୍ରୁପ୍ ଡ୍ୟାନ୍ସ ଏବଂ ଦେବାଶିଷ କୁମାରଙ୍କ ଏକକ ସଙ୍ଗୀତ ଅତିଥି ଓ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ ଓ କରାଯାଇଥିଲା। ହିନ୍ଦୀ ଶିକ୍ଷୟତ୍ରୀ ଶୁଭଶ୍ରୀ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ବିଭିନ୍ନ ସ୍ଥାନରେ ଅହିଂସା ବାର୍ତ୍ତା ବାଣ୍ଟୁଛି ରଥ

ଗୁଣପୁର/ପଦ୍ମପୁର,୧୯।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲାରେ ଅହିଂସା ରଥ ତୃତୀୟ ଦିନରେ ଗୁଣପୁର, ପଦ୍ମପୁର ଏବଂ ମୁନିଗୁଡ଼ା ବ୍ଲକ ପରିକ୍ରମା କରି ଗାନ୍ଧିଜୀଙ୍କ ଅହିଂସା ନୀତି ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନର ବାର୍ତ୍ତା ପ୍ରଚାର କରିଛି। ଗୁଣପୁର ବ୍ଲକ ପ୍ରଶାସନ ଓ ପୌର ପରିଷଦ ପକ୍ଷରୁ ରଥକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ବିଧାୟକ ରଘୁନାଥ ଗମାଙ୍ଗ, ଜିଲାପାଳ ସ୍ୱାଧାଦେବ ସିଂ, ଆଇଆର୍‌ବିଏନର ଦୁର୍ଗପତି ଦୁର୍ଗା ପ୍ରସାଦ ମହାପାତ୍ର, ଡେପୁଟି କମାଣ୍ଡାଣ୍ଟ ବିଭୁ ପ୍ରସାଦ ଉଦ୍‌ଗାତା, ଉପଜିଲାପାଳ ଲୋକନାଥ ଦଳବେହେରା, ଜିଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ, ପୌର ଅଧ୍ୟକ୍ଷା ମମତା ଗୌଡ଼, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ବ୍ଲକ ଅଧ୍ୟକ୍ଷା ଝିଲି ଶବର, ଉପାଧ୍ୟକ୍ଷ ସୁଦର୍ଶନ ଶବରଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି ସ୍ୱାଗତ କରିଥିଲେ। ଗୁଣପୁର ବ୍ଲକର ବିଭିନ୍ନ ଅଞ୍ଚଳ ସହ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ରଥକୁ ସ୍ୱାଗତ କରାଯାଇଥିଲା।

ଅପରାହ୍ନରେ ପଦ୍ମପୁରରେ ରଥ ପହଞ୍ଚିବା ପରେ ବିଡିଓ ରୀନା ପ୍ରଧାନ ପୁଷ୍ପମାଲ୍ୟ ଅର୍ପଣ କରି ସ୍ୱାଗତ କରିଥିଲେ। ଏହି ସମୟରେ ପଦ୍ମପୁରର ସମସ୍ତ ସରପଞ୍ଚ, ମିଶନ ଶକ୍ତି, ଏସ୍‌ଏଚ୍‌ଜି, ଶିକ୍ଷା ବିଭାଗ, ସାସ୍ଥ୍ୟ ବିଭାଗ, ପୋଲିସ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ବିଭିନ୍ନ ସରକାରୀ ଓ ବେସରକାରୀ ସ୍କୁଲ, କଲେଜର ଛାତ୍ରୀଛାତ୍ର ବିଭିନ୍ନ ବେଶରେ ସଜ୍ଜିତ ହୋଇ ବିରାଟ ପଟୁଆରରେ ରଥ ସହ ସହର ପରିକ୍ରମା କରିଥିଲେ। ପ୍ରଥମେ ଖମାପଦର ଠାରୁ ରଥକୁ ସ୍ୱାଗତ କରାଯାଇଥିଲା। ପରେ ପଦ୍ମପୁର ବାଳିକା ଉଚ୍ଚ ବିଦ୍ୟାଳୟ, ବିଜୟାନନ୍ଦ ହାଇସ୍କୁଲ ଠାରେ ରଥକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ସମୟରେ ବିଡିଓଙ୍କ ସମେତ ଗୁଣପୁର ବିଧାୟକ, ପଦ୍ମପୁର ବ୍ଲକ ଅଧ୍ୟକ୍ଷ ମଣିମାଳା ଶବର, ସରପଞ୍ଚ ପ୍ରକାଶ କଣ୍ଡାଗିରି, ଯୋଗାଣ ଅଧିକାରୀ ପ୍ରଭାକର ମଲ୍ଲିକଙ୍କ ସମେତ ଅଧିକାରୀମାନେ ଉପସ୍ଥିତ ଥିଲେ।



ପଦ୍ମପୁରଠାରେ ଅହିଂସା ରଥକୁ ସ୍ୱାଗତ ଅବସରରେ ଛାତ୍ରୀଛାତ୍ରମାନେ ବିଭିନ୍ନ ବେଶରେ ।

## ତ୍ରିରଙ୍ଗା ଧରି ସ୍ୱାଗତ କଲେ ଛାତ୍ରୀଛାତ୍ର



ମୁନିଗୁଡାଠାରେ ଛାତ୍ରୀମାନେ ଜାତୀୟ ପତାକା ଧରି ସହର ପରିକ୍ରମା ପାଇଁ ବାହାରୁଛନ୍ତି ।

ମୁନିଗୁଡ଼ା/ଅମ୍ବାଦୋଳା, ୧୯।୯(ଡି.ଏନ୍.ଏ.)

ମୁନିଗୁଡ଼ା ଠାରେ ବ୍ଲକ ପ୍ରଶାସନ, ତହସିଲ, ପୋଲିସ, ଲୋକ ପ୍ରତିନିଧି, ସମସ୍ତ ସ୍କୁଲ, କଲେଜ, ପ୍ରେସକ୍ଲବ, ଏସ୍‌ଏଚ୍‌ଜି, ସାମାଜିକ ଅନୁଷ୍ଠାନ ଏବଂ ମୁନିଗୁଡ଼ାର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ପକ୍ଷରୁ ଅହିଂସା ରଥକୁ ସସମ୍ମାନରେ ସ୍ୱାଗତ କରାଯାଇଥିଲା। ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ, ଗୁଣପୁର ଏସ୍‌ଡିଆଇପିଆରଓ ଧନଞ୍ଜୟ ବେହେରା, ଜିଲା ସଂସ୍କୃତି ଅଧିକାରୀ ପ୍ରଦୀପ ମାଲବିଶୋଇ, ବ୍ଲକ ଅଧ୍ୟକ୍ଷା ଦୁଃଖିନୀ ନୁଣ୍ଡୁକା, ଉପାଧ୍ୟକ୍ଷ ଆଦର୍ଶ କୌଶଲ୍ୟା, ବିଡିଓ ଦୀଲିପ କୁମାର ବେହେରା, ତହସିଲଦାର ଦେବାଶିଷ ଗୌଡ଼, ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁ, ଆଇଆଇସି ସୁଜ୍ଞାନି ସାହୁ, ପୂର୍ବତନ ଜିଲା ଜନଜାତି ଉନ୍ନୟନ ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡରୁକା, ସରପଞ୍ଚ ସରସ୍ୱତୀ ଶବର, ପ୍ରେସକ୍ଲବ ସଭାପତି ରାଜୀବ ଲୋଚନ ଦାସ, କଲେଜ ଅଧ୍ୟକ୍ଷ ହୃଷିକେଶ ଜାଲିଙ୍କ ସମେତ ଅଙ୍ଗନୱାଡି କର୍ମୀ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି ପାରମ୍ପରିକ ବାଦ୍ୟ ଓ ସଉରା ଲୋକନୃତ୍ୟ ମଧ୍ୟରେ ରଥକୁ ସ୍ୱାଗତ କରିଥିଲେ। ଶତାଧିକ ବିଦ୍ୟାର୍ଥୀ ତ୍ରିରଙ୍ଗା ଧରି ଭାରତମାତା କି ଜୟ ଧ୍ୱନୀ ଦେଇ ସହର ପରିକ୍ରମା କରିଥିଲେ। ମୁନିଗୁଡ଼ା ଡ୍ରାଇଭର ମହାସଂଘର କର୍ମକର୍ତ୍ତା ଏକ ବିଶାଳ ତ୍ରିରଙ୍ଗା ପତାକା ସମ୍ମାନର ସହ ଧରି ରଥ ସହ ପରିକ୍ରମା କରିଥିଲେ।

ଅମ୍ବାଦଳା ହାଇସ୍କୁଲର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ନୃତ୍ୟ ମାଧ୍ୟମରେ ଅହିଂସା ରଥକୁ ଭବ୍ୟ ସ୍ୱାଗତ କରିଥିଲେ। ଶିକ୍ଷୟତ୍ରୀ ଶିକ୍ଷକ,ଏସ୍‌ଏଚ୍‌ଜି, ନୃତ୍ୟଦଳ, ବହୁ ଅନୁଷ୍ଠାନ, ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବୀ ଉପସ୍ଥିତ ସ୍ୱାଗତ କରିଥଲେ। ବିଦ୍ୟାଳୟ ନିକଟରୁ ରଥ ସାଂସ୍କୃତିକ ଶୋଭାଯାତ୍ରାରେ ବାହାରି ଅମ୍ବାଦଳା ସହର ପରିକ୍ରମା କରାଯିବା ସହ ତ୍ରିରଙ୍ଗା ପରିକ୍ରମା କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନୀଲ କୁମାର ଦୀପଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମୁନିଗୁଡ଼ା ବିଡିଓ, ତହସିଲଦାର, ସମିତି ଅଧ୍ୟକ୍ଷା, ଉପାଧ୍ୟକ୍ଷ, ଡିଆଇପିଆର୍‌ଓ, ଅମ୍ବାଦଳା ଥାନା ଅଧିକାରୀ କମଳାକାନ୍ତ ବସନ୍ତ କୁମାର କହଁର, ଲ୍ୟାମ୍ପ୍ ସଭାପତି ଜଗନ୍ନାଥ ନୁଣ୍ଡୁରୁକା, ମୁନିଗୁଡା ସିଡିପିଓ, ଅମ୍ବାଦଳା ବିଜେଡି ଯୁବନେତା ଧୀରେନ୍ଦ୍ର ପାଣିଗ୍ରାହୀ, ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ଜନସାଧାରଣ, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ରଥ ମାଧ୍ୟମରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ଓ ଗାନ୍ଧିଜୀଙ୍କ ସିନେମା ପ୍ରଦର୍ଶନ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

